
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in
ବାସ୍ତବତାର୍ ପରିପ୍ରକାଶ
ପ୍ରାଚୀ
PRACHEE
ଜୁଲାଇ ୨୦୧୭
ମୂଲ୍ୟ : ୨୫ ଟଙ୍କା





ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ତୃତୀୟ ବର୍ଷର ଚତୁର୍ଥ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ଋଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ❦ 'ପ୍ରାଚୀ'ର କଲମ ❧

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍‌ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-3, July 2017, Issue No. IV
RNI No. : ODIODI/2015/64435
P.R. No. : CK(C)/96/2016-2018

**ପ୍ରାଚୀ ପରିବାର :**
ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ପ୍ରଜ୍ଞା ପରିମିତା**
**ବନଲତା ସିଂହ**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ମନୋଜ କୁମାର ଦାସ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ମୋ: ୮୯୦୮୫୫୪୯୫୬
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
କାର୍ଯ୍ୟକାରୀ ସମ୍ପାଦିକା:
**ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର**
ପରିଚାଳନା ସମ୍ପାଦକ :
**ମନୋଜ କୁମାର ବିଶ୍ୱାଳ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

**Declaration**
**Edited, Published & Owned by :**
**Dr. Bibhudatta Khandayatray**
**Niladri Vihar, Cuttack - 4**
**E-mail :**
**pracheepatrika@rediffmail.com**
**Web Site :**
**www.pracheevoice.in**

## ଏଇ ସଂଖ୍ୟାରେ...

## ପ୍ରବନ୍ଧ

❑ ଗାନ୍ଧିଜୀଙ୍କ ସାମାଜିକ ବିପ୍ଳବ
ଅଶ୍ୱିନୀ କୁମାର ସେଠୀ ୦୭

## ଗଳ୍ପ

❑ ଶ୍ରାଦ୍ଧ
ବନଲତା ସିଂହ ୧୦

❑ ତିନି ଆଶ୍ରମ
ଗୀତାଞ୍ଜଳୀ ନାୟକ ୧୪

❑ ମନଗହନର କଥା
ଡ. ବିଦ୍ୟୁତ୍‌ପ୍ରଭା ମିଶ୍ର ୧୯

❑ ଭୋକ
କୁନଲତା ତ୍ରିପାଠୀ ୨୨

❑ ଭଙ୍ଗା ସ୍ୱପ୍ନର ସ୍ୱର
ଶାସ୍ୱତୀ ସାମଲ ୨୪

❑ ସ୍ୱାମୀ ହନ୍ତା
ବିଜୟ କୁମାର ସାହୁ ୨୮

## PRACHEE MONTHLY ADVT. TARIFF

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mob. : 9124887605
9583390776

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । ଯଥା ସମ୍ଭବ ଚେଷ୍ଟା କରନ୍ତୁ ଲେଖାଟିକୁ ଆକୃତିରେ ଟାଇପ୍ କରି ଦିଅନ୍ତୁ ।

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ........................................................................................
ଠିକଣା ........................................................ ପିନ୍‌କୋର୍ଡ୍ ....................................
ମୋବାଇଲ୍ ନମ୍ବର ........................................ ଇ-ମେଲ୍ ........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................... ତାରିଖ..............................................
ବ୍ୟାଙ୍କ୍.......................................... ସ୍ଥାନ..............................................
ତାରିଖ........................................... ଦସ୍ତଖତ...........................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬
E-mail : pracheepatrika@rediffmail.com, Web. : www.pracheevoice.in

# ଗାନ୍ଧିଜୀଙ୍କ ସାମାଜିକ ବିପ୍ଳବ

**ଅଶ୍ୱିନୀ କୁମାର ସେଠୀ**

ଗାନ୍ଧିଜୀଙ୍କ ସାମାଜିକ ବିପ୍ଳବ କହିଲେ ସେ କ'ଣ ବୁଝୁଥିଲେ ? ସମାଜ କାହାକୁ କହୁଥିଲେ ? ତାଙ୍କର ଚିନ୍ତାଧାରା ଓ ଆଦର୍ଶ କ'ଣ ଥିଲା ? ଏହାଥିଲା ଗାନ୍ଧିଦର୍ଶନର ଭିନ୍ନ ଧରଣର ଚିନ୍ତାଧାରା -

ସେ କହୁଥିଲେ ମନୁଷ୍ୟ ଜନ୍ମ ବେଳେ ସମାନ ଅଧିକାର ସହ ସମସ୍ତେ ସମାନ ହୋଇ ଜନ୍ମ ହୋଇଥାନ୍ତି, କିନ୍ତୁ ସାମର୍ଥ୍ୟ ଦୃଷ୍ଟିରୁ ସମାନ ହୋଇନଥାନ୍ତି । ଅଧିକ ଧନ ଓ ପ୍ରତିଭା ସମ୍ପନ୍ନ ଥିବା ଲୋକ ଯଦି ଅସମର୍ଥଙ୍କ ନ୍ୟାସୀ ଭାବେ ସୋମନଙ୍କର ଦାୟିତ୍ୱ ନ ନିଅନ୍ତି ତେବେ ଅସମର୍ଥମାନେ ଏକାଠି ହୋଇ ସମର୍ଥବାନମାନଙ୍କୁ ପ୍ରତିରୋଧ କରନ୍ତୁ, କିନ୍ତୁ ଅହିଂସା, ଅସହଯୋଗ ମାର୍ଗରେ - ଏହା ସେ ଚାହୁଁଥିଲେ । ଅହିଂସାରେ ସେ ଅତୁଟ ବିଶ୍ୱାସ ରଖି ନିମ୍ନତମ ବର୍ଗଙ୍କ ଉପରେ ଚାଲିଥିବା ସବୁପ୍ରକାର ସାମାଜିକ ଅନ୍ୟାୟ ଓ ଉତ୍ପୀଡ଼ନ ବିରୋଧରେ ଅହିଂସାକୁ ସେ ଅସ୍ତ୍ର କିରଥିଲେ । କହିବାକୁ ଗଲେ ତାଙ୍କର ଅହିଂସା ନୀତି ବୌଦ୍ଧଧର୍ମ 'ଜୀବେଦୟା' ନୀତିର ଅନ୍ୟଏକ ରୂପ ପରସ୍ପରକୁ ପ୍ରେମ କରିବାକୁ ଶିଖିବାଭିତରୁ ଏହି ନୀତିକୁ ସେ ନିଷ୍ଠାର ସହିତ ପାଳନ କରୁଥିଲେ । ନିଜର ଅଧିକାର ପାଇଁ ଲଢ଼େଇ କଲାବେଳେ ଅନ୍ୟମାନଙ୍କ ଅଧିକାର ଉପରେ ଆଞ୍ଚ ନ ଆସିବା ପ୍ରତି ଉଚିତ୍ ଧ୍ୟାନ ଦେବାକୁ ହୋଇଥାଏ । ସମାଜର ଦଳିତ ଓ ଶୋଷିତ ବର୍ଗଙ୍କୁ ଶୋଷଣରୁ ମୁକ୍ତ କରିବା ପାଇଁ ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି କଲ୍ପେ ନିଆଯାଇଥିବା ସମସ୍ତ ପଦକ୍ଷେପକୁ ଏ ପ୍ରକାର ସେବାର ନାମ ଦିଆଯାଇଥିଲା । "ବିଶ୍ୱରାଷ୍ଟ୍ର ସଂଗଠନ ସାମାଜିକ ସେବା" । ଦକ୍ଷିଣ ଆଫ୍ରିକା ତଥା ଭାରତର କେତେକ ଆଶ୍ରମ ପ୍ରତିଷ୍ଠାକରି ଗାନ୍ଧିଜୀ ଲୋକଙ୍କୁ ସରଳ ଓ ଉତ୍ସର୍ଗୀକୃତ ଜୀବନଯାପନର ପ୍ରଶିକ୍ଷଣ ବ୍ୟବସ୍ଥା କରିଥିଲେ । ଆଶ୍ରମ ଜୀବନରେ "ନୟିତାଲିମ୍", ସମ୍ପୂର୍ଣ୍ଣ ନିଶାନିବାରଣ, ହରିଜନମାନଙ୍କୁ ସମାଜର ତଳସ୍ତରରୁ ସାଧାରଣ ସ୍ତରକୁ ଆଣିବା, ମହିଳାମାନଙ୍କୁ ପୁରୁଷମାନଙ୍କ ସହିତ ସମାନଅଧିକାର ଦେବା ଇତ୍ୟାଦି ଶିକ୍ଷା ଦିଆଯାଇଥିଲା । ୧୯୧୮ରୁ ୧୯୪୮ ମସିହା ମଧ୍ୟରେ ଭାରତର ଜାତୀୟ ଆନ୍ଦୋଳନର ଅନେକ ନେତା ଏହିପ୍ରକାର ଶିକ୍ଷା ବ୍ୟବସ୍ଥା ମଧ୍ୟରୁ ହିଁ ପାଳନ କରୁଥିଲେ । ଶିକ୍ଷାର ଏ ସମସ୍ତ ଦିଗ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ତାଙ୍କର ଅହିଂସା ବିପ୍ଳବର ଅଙ୍ଗଥିଲା । ଏହିମାର୍ଗରେ ସେ କୋଟିକୋଟି ଜନସାଧାରଣଙ୍କୁ ବିଶେଷତଃ ଗାଁ ଗହଳୀରେ ବାସ କରୁଥିବା ଲୋକଙ୍କୁ ଦେଶର ସ୍ୱାଧୀନତା ସମେତ ନିଜନିଜ ଜୀବନର ସମସ୍ୟାଗୁଡ଼ିକର ସମାଧାନ ପାଇଁ ଲଢ଼ିବାର ସାହସ ଓ ଉଦ୍ଦୀପନା ଆଣିଦେଇଥିଲେ । ଶାରୀରିକ ଶ୍ରମକୁ ସେ ମସ୍ତିଷ୍କର ଶ୍ରମ ସହିତ ସମାନ ମର୍ଯ୍ୟାଦା ଦେଉଥିଲେ । ତଥା ଜଣେ ଗୃହିଣୀ, ରିକ୍ସାବାଲା ଅଥବା କ୍ଷେତମଜୁରିଆ ଓ କଲେଜ ପ୍ରଫେସର ମଧ୍ୟରେ କୌଣସି ଭେଦଭାବ

ନରଖି ସେ କହୁଥିଲେ ଶରୀରର ଭିନ୍ନ ଭିନ୍ନ ଅଙ୍ଗଭଳି ସେମାନେ ସମାଜର ବିଭିନ୍ନ ପ୍ରକାର ଆବଶ୍ୟକତା ପୂରଣ କରୁଛନ୍ତି, ତେଣୁ କୌଣସି କାର୍ଯ୍ୟ ଉଚ୍ଚସ୍ତରର ବା ନିମ୍ନସ୍ତରର କହି ସେଥିରେ ବାଛବିଚାର କରିବା ଉଚିତ୍ ନୁହେଁ । ଦରିଦ୍ର ଓ ଦୁର୍ବଳ ବ୍ୟକ୍ତିମାନଙ୍କ ପ୍ରତି ତାଙ୍କର ଚିନ୍ତାଧାରା ଓ ସହାନୁଭୂତି ତଥା ସମସ୍ତ ପ୍ରକାର ଶ୍ରମକୁ ସମାନ ମର୍ଯ୍ୟାଦା ଦେବା ସମାଜବାଦୀ ଚିନ୍ତାଧାରାର ନିଚ୍ଛକ ପ୍ରତିଫଳନ ଥିଲା । ଖାଲି ଏତିକି ନୁହେଁ ସମାଜର କୋଣଅନୁକୋଣରେ ବ୍ୟାପିଥିବା ଅସ୍ପୃଶ୍ୟତାର ବିଲୋପ ପାଇଁ ସେ ନିଜର ସମସ୍ତ ଶକ୍ତି ଓ ସମୟ ବିନିଯୋଗ କରିଥିଲେ । ହିନ୍ଦୁସମାଜର ଏହି କୁପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରି "ହରିଜନ" ପତ୍ରିକାରେ ବହୁ କଠୋର ସମାଲୋଚନା କରିଥିଲେ । ଅସ୍ପୃଶ୍ୟ ବର୍ଗ ଈଶ୍ୱରଙ୍କ ପ୍ରତି ଅତି ପ୍ରିୟଜନ କହି 'ହରିଜନ' ନାମରେ ସେମାନଙ୍କୁ ସମ୍ବୋଧିତ କରିବା ତାଙ୍କର ମହାନ୍ ଚିନ୍ତାଧାରା ଉଚ୍ଚବର୍ଗର ହିନ୍ଦୁମାନଙ୍କୁ ଆହ୍ୱାନ ଦେଇ ସେ କହୁଥିଲେ ସମାନ ଦୃଷ୍ଟିରେ ନ ଦେଖିବା ଅର୍ଥ ଈଶ୍ୱରଙ୍କୁ ଅବମାନନା କରିବା ।

ସାମାଜିକ ମର୍ଯ୍ୟାଦା, ସମ୍ପତ୍ତି, ଶିକ୍ଷା ଓ ସଂସ୍କୃତି ସବୁ ଦୃଷ୍ଟିରୁ ଭିନ୍ନ ଭିନ୍ନ ସ୍ତରରେ ରହିଥିବା ପରାଧିନ ଭାରତ ଭୂଖଣ୍ଡର ଅଗଣିତ ଜନସାଧାରଣଙ୍କ ଚେତନାକୁ କିଛି ନୂତନ ମନ୍ତ୍ରଦ୍ୱାରା ଉଜ୍ଜୀବିତ କରିବା କିଛି ସହଜ କାମ ନଥିଲା । ସେମାନେ ଯେ କେବେ ପରାଧିନତାର ଅନ୍ଧକାରଭିତରୁ ବାହାରି ସ୍ୱାଧିନତାର ସୂର୍ଯ୍ୟାଲୋକରେ ବିଚରଣ କରିପାରିବେ, ଏ ପ୍ରକାର ଆଶା ସେତେବେଳେ ଅସମ୍ଭବ ମନେ ହେଉଥିଲା । ଗାନ୍ଧିଜୀଙ୍କ ଅହିଂସାର ଯାଦୁକରୀ ମନ୍ତ୍ର ଓ ସତ୍ୟାଗ୍ରହର ଅଦ୍ଭୁତ ପ୍ରେରଣା ଓ ଗରିବମାନଙ୍କୁ ଦରିଦ୍ର ନାରାୟଣ ଆଖ୍ୟାଦେଇ ସେ କହିଥିଲେ ଧର୍ମଶାସ୍ତ୍ରର "ସେବା ଏକ ପବିତ୍ର କର୍ତ୍ତବ୍ୟ" ଉକ୍ତିଟି ସେମାନଙ୍କୁ ଅସମ୍ଭବରୁ ସମ୍ଭବ ହୋଇ ଦାରିଦ୍ରଭିତରୁ ମୁକ୍ତିର ପଥ ଦେଖାଇଥିଲା । ଘରେ ଘରେ ଅରଟ ବା ଚରଖା ରଖି ସୂତା କାଟିବାକୁ ସେ ସମସ୍ତଙ୍କୁ ବିଶେଷ କରି ଗ୍ରାମବାସୀମାନଙ୍କୁ ପ୍ରେରଣା ଦେଇଥିଲେ । ସ୍ୱଦେଶ ପ୍ରୀତି ଓ ସ୍ୱାବଲମ୍ବନର ପ୍ରତୀକରୂପେ ଏହାକୁ ମାନି ଭାରତୀୟମାନଙ୍କ ମନରେ ଏକ ନୂତନ ଉନ୍ମାଦନା ସୃଷ୍ଟି ହେବାରୁ ପରୋକ୍ଷଭାବେ ସ୍ୱାଧୀନତା ପାଇଁ ଆନ୍ଦୋଳନର ପଥ ପରିଷ୍କାର ହୋଇଥିଲା । ସମାଜର ନାରୀ ତଥା ଅନ୍ୟାନ୍ୟ ଅବହେଳିତ ଶ୍ରେଣୀଙ୍କୁ ଉପରକୁ ଉଠିବାର ସୁଯୋଗ ସୃଷ୍ଟି କରି ସେମାନଙ୍କୁ ଜାଗ୍ରତ କରିବାର ପ୍ରୟାସ ତାଙ୍କର ସମାଜସେବାର ଏକ ମୁଖ୍ୟ କାର୍ଯ୍ୟକ୍ରମ ଥିଲା । ଅହିଂସାନୀତିର ପ୍ରମୁଖ ଆଧାର ଶାନ୍ତି ଓ ସହନଶୀଳତାର ନରୀମାନଙ୍କର ଅନ୍ତର୍ନିହିତ ସରଳ ବିଶ୍ୱାସ ଓ ଧୈର୍ଯ୍ୟଗୁଣ ଯୋଗୁଁ ସତ୍ୟାଗ୍ରହର ନେତୃତ୍ୱ ନେବାପାଇଁ ସେମାନେହିଁ ଉପଯୁକ୍ତ ବୋଲି କହିଥିଲେ । ଗାନ୍ଧିଜୀ ଚାହିଁଥିଲେ ନାରୀମାନେ ଶିକ୍ଷିତା ହୋଇ ପୁରୁଷଙ୍କ ସହିତ ସମକକ୍ଷ ଭାବରେ ନିଜକୁ ଗଢ଼ନ୍ତୁ ଓ ନ୍ୟୁନ ମନୋଭାବରୁ ମୁକ୍ତ ହୋଇ ଆତ୍ମସମ୍ମାନ ବିଷୟରେ ସଚେତନ ହୁଅନ୍ତୁ । ବାଲ୍ୟବିବାହ, ବିଧବା ବିବାହ, ଯୌତୁକ ଦାବି ଓ ସତୀଦାହ ଭଳି କୁ ପରମ୍ପରା ବିରୋଧରେ ସ୍ୱର ଉତ୍ତୋଳନ କରି ସେଗୁଡିକର ସମ୍ପୂର୍ଣ୍ଣ ବିଲୋପ ପାଇଁ କାୟମନୋବାକ୍ୟରେ ସେ ସଂଗ୍ରାମ କରିଥିଲେ ।

ହିନ୍ଦୁ ଓ ମୁସଲମାନଙ୍କର ଧାର୍ମିକ ଭାବନାରେ ପରସ୍ପର ଦୂରେଇ ଯାଉଥିବା ଦେଖି ସେ କହୁଥିଲେ ଧର୍ମ ମନୁଷ୍ୟଙ୍କୁ ଈଶ୍ୱରଙ୍କ ସହିତ ତଥା ଅନ୍ୟମନୁଷ୍ୟଙ୍କ ସହିତ ଯୋଡ଼ିଥାଏ, ତେଣୁ ସେ ସବୁଧର୍ମରେ ବିଶ୍ୱାସ ରଖିଥିଲେ ଓ ଚାହୁଁଥିଲେ ସମସ୍ତେ ଉଦାରମନା ତଥା ପରସ୍ପର ନିକଟବର୍ତ୍ତୀ ହୋଇ ଜଣେ ଅନ୍ୟଜଣଙ୍କୁ ଭଲପାଆନ୍ତୁ । ଅହିଂସା ଓ ସତ୍ୟାଗ୍ରହକୁ ସେ ନୈତିକ ଜାଗରଣର ଏକ ପନ୍ଥାରୂପେ ବାଛି ଅଧିକ ସଂଖ୍ୟକ ବ୍ୟକ୍ତିଙ୍କ ଜୀବନ ଶୈଳୀରେ ଏହା ପ୍ରତିଫଳିତ ହେବା ଚାହିଁଥିଲେ ଓ ତଦ୍ୱାରା ସ୍ୱାଧିନତା ପ୍ରାପ୍ତି ତ୍ୱରାନ୍ୱିତ ହେବବୋଲି ଆଶାରଖିଥିଲେ । ଗାନ୍ଧିଜୀ ରାଜନୀତିକୁ ନିଜ ଦେଶସେବାର ଏକ ମାଧମ ରୂପେ ବାଛିବା ଉଚିତ୍ ମନେକରି ଜନତାଙ୍କ ମନଉପରେ ଏତେଗଭୀର ପ୍ରଭାବ ପକାଇଥିଲେ ଯେ ଲୋକେ ତାଙ୍କୁ ବୁଦ୍ଧ ଓ ଯିଶୁଖ୍ରୀଷ୍ଟଙ୍କ ସଙ୍ଗେ ତୁଳନା କଲେ ମହାତ୍ମା ସେହି ବ୍ୟକ୍ତିଙ୍କୁ କୁହାଯାଏ ଯେ ଦୁଃଖୀ ଓ ଆର୍ତ୍ତଜନଙ୍କ ଅନ୍ତର ଭିତରୁ ଆସୁଥିବା ବିକଳ କ୍ରନ୍ଦନର ସ୍ୱରକୁ ଶୁଣିପାରେ ଓ ସେମାନଙ୍କର ସେବାପାଇଁ ନିଜର ଜୀବନକୁ ଉତ୍ସର୍ଗ କରିଦେବାକୁ ମହତ କର୍ମ ମନେକରିଥାଏ । ଗାନ୍ଧିଜୀ ତାହାହିଁ କରି ନିଜ ମହାତ୍ମା ଉପାଧି ଓ ପ୍ରଖ୍ୟାତ ସମାଜସେବୀର ସାର୍ଥକତା ପ୍ରତିପାଦିତ କରିଥିଲେ ।

ସଦସ୍ୟ-ପ୍ରାଚୀ ସାହିତ୍ୟ ସମାଜ,
ଚାଉଳିଆଗଞ୍ଜ, କଟକ
ମୋ - ୯୯୩୭୫୪୪୯୬୬

୦୦୦୦

ROUT CLASSES
For Mathematics
Blooming the Hidden treasure
IIT JEE, CBSE - XI, XII, CHSE, +3 (Pass & Hons.)
Special Course : OLMP, NISER, ISER, KVPY
Phone No. : 9438409975 / 9776355340
Bomikhal, Satyanagar, BJB Nagar (BBSR), CDA-6, Cuttack

# ଶ୍ରାଦ୍ଧ

**ବନଲତା ସିଂହ**

ମାଗୁଣି ସାହୁ ଓ ତା'ର ସ୍ତ୍ରୀ ରୁନୁ ଦୁହେଁ ଅନ୍ୟର ଜମିରେ କାମ କରନ୍ତି, ମଜୁରୀ ପାଆନ୍ତି । ଗାଁ ଶେଷ ମୁଣ୍ଡରେ ଛୋଟିଆ ଚାଳଘରଟି ତାଙ୍କର । ଘର ପଛ ପଟେ ଛୋଟିଆ ବାଡ଼ିଟିଏ । ସମୟ ମିଳିଲେ ଦୁଇଜଣ ସେହି ଛୋଟିଆ ଜାଗାଟିରେ କଖାରୁ, ଭେଣ୍ଡି, ବାଇଗଣ, କ ଞ୍ଚା ଲଙ୍କା ଲଗାଇ ସେ ଫଳକୁ ହାଟରେ ବିକ୍ରି କରି ନିଜର ଗୁଜୁରାଣ ମେ ଣ୍ଟାନ୍ତି । କିଛି ମଧ ଖାଇବା ପାଇଁ ରଖି ନିଜର କାମ ଚଳାନ୍ତି, ଅତି ସୁରୁଖୁରୁରେ ତାଙ୍କ ଦିନ ବିତିଯାଏ । କିନ୍ତୁ ତାଙ୍କର ଗୋଟିଏ ଦୁଃଖ । କୋଳରେ ତାଙ୍କର ଛୁଆଟିଏ ନଥିଲା । ରୁନୁ ବାର ମାସରେ ତେର ଓଷା ଉପାସ କରେ । କାଳିସୀ ପୂଜାଠାରୁ ଆରମ୍ଭ କରି ଗଛ, ପଥର ଦେବତା ପର୍ଯ୍ୟନ୍ତ କେଉଁ ପୂଜା ନ କରେ ସେ । ତେବେ ତା'ର ପୂଜାର ଫଳ ଅନ୍ୟଥା ହେଲାନି । ବିଳମ୍ବରେ ହେଉ ପଛେ ପୁଅଟିଏ ଜନ୍ମ ହେଲା । ମାଗୁଣି ସାହୁ ଓ ରୁନୁ ବହୁତ ଖୁସି । ବ୍ରାହ୍ମଣ ଡକାଇ ଛୋଟକାଟିଆ ସତ୍ୟନାରାୟଣଙ୍କର ପୂଜାଟିଏ କଲା । ସିରିଣି ନେଇ ସାଇ ପଡ଼ିଶା ଘରେ ଦେଇଆସିଲା । ସମସ୍ତେ ସିରିଣି ଖାଇ ପୁଅକୁ ଆଶୀର୍ବାଦ କଲେ । ମାଗୁଣି ସାହୁ ଏକୁଟିଆ ସବୁ କାମ କଲା । ରୁନୁକୁ କହିଲା ତୁ ଘରେ ରହି ପୁଅର ଯତ୍ନ ନେ, ଚନ୍ଦ୍ରକଳା ପରି ଛୁଆଟି ବଡ଼ ହେଲା । ଗାଁ ଚାହାଳୀରେ ପାଠ ମଧ ପଢ଼ିଲା । ଧୀରେ ଧୀରେ ବୟସ ବଢ଼ିବାକୁ ଲାଗିଲା । ପାଠ ଅଳ୍ପ ପଢ଼ି ଅସାଧୁ ପିଲାଙ୍କ ସାଥୀରେ ଶାଠ ବହୁତ ପଢ଼ିଲା । ମାଗୁଣି ସାହୁ ଓ ରୁନୁ ସ୍ୱପ୍ନରେ ଯେଉଁ ଦିଅଁ ଗଢୁଥିଲେ, ତାହା ମାଙ୍କଡ଼ ହୋଇଗଲା । ବାପା-ମା' ଦୁଃଖରେ ଭାଙ୍ଗି ପଡ଼ିଲେ । କାରଣ ପ୍ରତିଦିନ କିଛି ନା କିଛି ଅଭିଯୋଗ ପୁଅ 'ରାମୁ' ନାଁରେ ଆସେ ।

କ'ଣ କରିବେ ? ପୁଅ ସିନା କୁପୁତ୍ର ହେଲା କିନ୍ତୁ ମା' ତ କୁ-ମାତା ହୋଇପାରିବନି । ଏଣୁ ବାପ, ମା' ଦୁଇପ୍ରାଣୀ ଛାତିକୁ ପଥର କରି ସବୁ ସହିଯାଆନ୍ତି । ସମୟ ଆସିଲା..... କେଉଁଠାରୁ ଗୋଟିଏ ଝିଅ ନେଇ ଆସି କହିଲା ଇଏ.... ମୋର ସ୍ତ୍ରୀ । ଆଉ ତୁମର ବୋହୂ ବୋଲି ପରିଚୟ ଦେଲା । ବୋହୂଟି କୁସଂସାରକୁ ଯୌତୁକ ନେଇ କରି ଆସି ସୁଖର ଘରକୁ ନର୍କପୁରୀ କରିଦେଲା । ସ୍ୱାମୀ ସୁହାଗିନୀ ହୋଇ ଶାଶୁ ଶ୍ୱଶୁରଙ୍କୁ ବହୁତ ମାନସିକ ଯନ୍ତ୍ରଣା ଦେଲା । ରାମୁ ଦୁଇନମ୍ବର କାମ କରି ଭଲ ପଇସା ରୋଜଗାର କରୁଥିଲା । କିନ୍ତୁ ସେ ପଇସା ନିଜ ସ୍ତ୍ରୀ ଆଉ ତା'ର ଶ୍ୱଶୁର ଘର କାମରେ ଲାଗୁଥିଲା । ବାପା, ମା' ରୋଗରେ ଛଟପଟ ହେଲେ ମଧ ପଥିକି ଔଷଧ ଟିକେ ଖାଇବାକୁ ପାଉ ନଥିଲେ । ରୁନୁ, ସେ ରାମୁର ମାଆ ହେଲେ ମଧ ସେ ମାଗୁଣିର ସ୍ତ୍ରୀ । ସହିପାରେନି ଆଖି ଆଗରେ ସ୍ୱାମୀର ନିର୍ଯ୍ୟାତନା ଦୁଃଖକୁ । କେବେ ଯେବେ ଆପ ତ୍ତି ଅଭିଯୋଗ କରେ ତେବେ ପୁଅବୋହୂ ମିଶି ଭାଷା ଅଭାଷାରେ ଗାଳି ଦିଅନ୍ତି । ହାତ ଉଠାଇ ମାରନ୍ତି । ଘରୁ ବାହାରି ଚାଲିଯା ବୋଲି କହନ୍ତି । ଯେଉଁ ରୁନୁ, ଗଛ, ପଥର, କାଳିସୀଙ୍କୁ

ପୂଜା କରି ମୁଣ୍ଡିଆ ମାରୁଥିଲା ପୁଅଟିଏ ପାଇଁ । ......ଏବେ ସେହି ଦେବତାଙ୍କୁ ପ୍ରାର୍ଥନା କରୁଛି ଆମ ଦୁଇଜଣଙ୍କୁ ଶୀଘ୍ର ନେଇଯାଅ ।

ଭୋକ ଉପାସ, ରୋଗ ଯନ୍ତ୍ରଣାରେ ଛଟପଟ ହୋଇ ସ୍ୱାମୀ, ସ୍ତ୍ରୀ ଦୁଇପ୍ରାଣୀ ଆଗପଛ ହୋଇ ଆଖି ବୁଜି ଦେଲେ । ରାମୁ ଓ ତା ଶ୍ୱଶୁର ଘର ଲୋକ ଆସି ଗ୍ରାମବାସୀଙ୍କ ସହ ମିଶି ବଡ଼ ଶୋଭା ଯାତ୍ରାରେ ଶବ ନେଲେ । ବାଜା ବଜାଇ ପଟୁଆର କରି ଶ୍ମଶାନ ଘାଟରେ ସଂସ୍କାର କଲେ । ବାପା-ମା'ଙ୍କ ଫଟୋରେ ଦଉଡ଼ି ପରି ଫୁଲମାଳ ପକାଇ ବିଡ଼ା ବିଡ଼ା ଧୂପକାଠି ଜଳାଇ ଶୁଦ୍ଧିକ୍ରିୟାରେ ବହୁତ ଲୋକଙ୍କୁ ନିମନ୍ତ୍ରଣ କରି ଖୋଇପେଇ ଆପ୍ୟାୟିତ କଲା । ଲୋକ ଭୂରି ଭୂରି ପ୍ରଶଂସା କଲେ ।

ଯାହା ପାଖରେ କଳାଧନ, ତା'ପାଖରେ ବହୁତ ସମ୍ମାନ । ସେହି ବିଧିରେ ରାମୁ ଗାଁର ମୁଖିଆ ହୋଇଗଲା । ଗାଁରେ ଯାନିଯାତ୍ରା, ଓଷା ପାର୍ବଣ, ଅଷ୍ଟପ୍ରହରୀ ଧାର୍ମିକ ସଭାରେ ରାମୁ ମୁଖ୍ୟ ସ୍ଥାନ ଅଧିକାର କରେ । ଯଜ୍ଞ ପ୍ରଭୃତି ଆନୁଷ୍ଠିକ କାମରେ ନିଜେ ପୁରୋଧା ହୋଇ ଭଲ ଭଲ ସାଧୁଙ୍କୁ ନିମନ୍ତ୍ରଣ କରି ପ୍ରବଚନ କାମ କରାଏ । ଦିନେ ଗୋଟିଏ ପ୍ରବଚନ ସଭା ଚାଲିଥାଏ । ସାଧୁ ମହାଶୟ ପ୍ରବଚନ ଆରମ୍ଭ କଲେ.... ହେ ମହାତ୍ମାମାନେ! ତୁମ୍ଭେମାନେ ସାଧୁଙ୍କ ମୁହଁରୁ ପ୍ରବଚନ ଶୁଣିବାକୁ ଏତେ ସଂଖ୍ୟାରେ ରୁଣ୍ଡ ହେବା ମୁଁ ଦେଖିକରି ମୋତେ ବହୁତ ଖୁସି ଲାଗୁଛି । ଏ ଗାଁରେ ଏତେ ଧର୍ମପରାୟଣ ବ୍ୟକ୍ତି ଅଛନ୍ତି ? ଏହା ବୋଧେ ଏହି ଧର୍ମପରାୟଣ ରାମୁବାବୁଙ୍କ ପାଇଁ ସମ୍ଭବ ହୋଇପାରିଛି । ତେଣୁ ମୁଁ ସର୍ବପ୍ରଥମେ ରାମୁବାବୁ ଓ ତାଙ୍କ ସହଧର୍ମିଣୀ ଧର୍ମପରାୟଣା ଜାନକୀ ଦେବୀଙ୍କୁ ସାଧୁବାଦ ଜଣାଉଛି ।

ପ୍ରିୟ ଆତ୍ମନ ! ମୁଁ ମୋର ଦିବ୍ୟଦୃଷ୍ଟିରେ ଦେଖିପାରୁଛି.... ଏହି ଧର୍ମପରାୟଣ ଦମ୍ପତ୍ତି ତାଙ୍କର ଆଦର୍ଶ ପ୍ରତିଭାରେ ଏ ଗାଁଟିକୁ ଧନ୍ୟ କରି ସମସ୍ତଙ୍କୁ ଅନୁପ୍ରାଣିତ କରିଛନ୍ତି । ସେଥିପାଇଁ ମୋର ସମସ୍ତ ଆଶୀର୍ବାଦ ସେମାନଙ୍କୁ ଦେଇ ମୋର ପ୍ରବଚନ ଆରମ୍ଭ କରୁଛି......

ମୋର ପ୍ରିୟଜନ.... ମୋର ଆପଣମାନଙ୍କୁ ତିନୋଟି ଉପଦେଶ ଦେବାକୁ ଅଛି । ଏହି ସଂସାରରେ ଆମର ତିନୋଟି ମାଆ ଅଛନ୍ତି । ସେମାନେ ହେଲେ.... ପ୍ରଥମେ ଆମର ଜନ୍ମକଲା ମା'; ଦ୍ୱିତୀୟଟି 'ଗୋମାତା' ଆଉ ତୃତୀୟଟି ଧରିତ୍ରୀ । ସେ ମାଟି ମାଆ, ତା'ବକ୍ଷରେ ସମସ୍ତ ଖାଦ୍ୟଶସ୍ୟ ଆମ ପାଇଁ ସୃଷ୍ଟି କରି ଆମକୁ ଲାଳନପାଳନ କରେ । ଆକାଶ, ପାଣି, ପବନ, ଅଗ୍ନି ନେଇ ସେ ଶଶାଗରା ଧରାକୁ ସୃଷ୍ଟି କରି ଆମର ବହୁତ ଉପକାର କରନ୍ତି ଏଣୁ ସେ ଆମର ଚିର ନମସ୍ୟ । ତାଙ୍କର ଯତ୍ନ ନେବା ନିହାତି ଆବଶ୍ୟକ । ତା'ପରେ ଗୋମାତା.... ଗାଈ... ସେ ଆମର ଜନ୍ମଠାରୁ ମରିବା ପର୍ଯ୍ୟନ୍ତ, ନିଜ ଛୁଆ ମୁହଁରୁ କ୍ଷୀର ଛଡ଼ାଇ ଆମକୁ ଜୀବନ ଦିଏ । ଆମକୁ ବ ଞ୍ଚା ଏ । ତା'ର ସମସ୍ତ ଶରୀର ଆମର ଉପକାରୀ । ତେଣୁ ଆମେ ତା'ର ସମସ୍ତ ଯତ୍ନ ନେବା ଦରକାର ।

ଆଉ ଶେଷରେ ଆମର ଜନ୍ମ କଲା ମାଆ । ବାପା, ମା' ଆମକୁ ଜନ୍ମ ଦିଅନ୍ତି । କଥାରେ ଅଛି ମା'ର

ଗୋଟାଏ ଶୂଳକୁ ପୁଅ ଜୀବନସାରା ସୁଝି ପରିବନି । ମୁଣ୍ଡ ଝାଳକୁ ତୁଣ୍ଡରେ ମାରି କେତେ ଦୁଃଖକଷ୍ଟକୁ ଛାତିରେ ଜାକି ସେ ପିଲାଙ୍କୁ ମଣିଷ କରେ । କିଛି ବି ତା'ର ଭବିଷ୍ୟତ ଆଶା ରଖି ନଥାଏ । ସେ କେବଳ ଚାହେଁ ମୋ ପିଲାର ମଙ୍ଗଳ ହେଉ । ସେ ଦୀର୍ଘାୟୁ ହେଉ । ସେ ଆମର ଜୀବନ୍ତ ଦେବତା । ତାଙ୍କୁ ପୂଜା କରିବା ଆମର କର୍ତ୍ତବ୍ୟ । ଶ୍ରଦ୍ଧାରେ ଫଳ ହେଉ ଫୁଲ ହେଉ ବାପା-ମା'ଙ୍କୁ ଖୋଇଦେଇ ଆନନ୍ଦରେ ଗୋଡ଼ ହାତ ଆଉଁସି ଦେଲେ । ତାଙ୍କ ପାଟିରୁ ଯେଉଁ ଆଶୀର୍ବଚନ ବାହାରେ ତାହା ଆମକୁ ଅକ୍ଷୟ ପ୍ରଦାନ କରେ । ତେଣୁ ବାପା-ମା' ଜୀବିତ ଥିଲା ବେଳେ ତାଙ୍କର ଆହାର ବିହାର ପ୍ରତି ଯେ ଯତ୍ନଶୀଳ ସେ ଜୀବନରେ କେବେ ହାରିବନି । ଏହା ଧ୍ରୁବ ସତ୍ୟ । ଯେ ଏତକ ନକରି ମୃତ୍ୟୁ ପରେ ନିଜର ପ୍ରଶଂସା ପାଇଁ ଜାକଜମକରେ ଖାଦ୍ୟ ଦାନ ଦକ୍ଷିଣା ଦିଏ ତା'ଠାରୁ ପାପୀ ଆଉ କେହି ନାହିଁ ।

ବନ୍ଧୁଗଣ! ଏସବୁରେ ଅର୍ଥ ବିନିମୟ ନକରି, ଭି.ଆଇ.ପି.ମାନଙ୍କୁ ଖାଇବାକୁ ନ ଦେଇ, ନିଜର ବାପା ମା'ଙ୍କ ସ୍ମୃତି ପାଇଁ ପ୍ରତ୍ୟେକ ଜୀବନ୍ତ ଆତ୍ମାକୁ ସେବାକର । ପଶୁ, ପକ୍ଷୀ, କୀଟପତଙ୍ଗ ଏମାନଙ୍କୁ ଶ୍ରଦ୍ଧା କର । ହେ ମୋର ଧର୍ମବିଶ୍ୱାସୀ! ପ୍ରବଚନ ପିୟାସୀ ପରଲୋକ ଜୀବାତ୍ମାକୁ ପୂଜା କରିବା ନିରର୍ଥକ । ଯଦି ଏ ସବୁ କରିସାରି ଆଉ କିଛି ଶ୍ରଦ୍ଧାରେ କରିବାକୁ ଚାହୁଁଛ; ତା'ହେଲେ ବାପା ମା'ଙ୍କ ସ୍ମୃତି ପାଇ ଅନାଥାଶ୍ରମ, ଜରାଶ୍ରମ, ରୋଗୀ ନିରାଶ୍ରୟ, ଗୋଶାଳା ଏହିସବୁ ଜାଗାରେ ଅର୍ଥଦାନ କରି ମହାପୁଣ୍ୟ କରିବା ସାଥେ ସାଥେ ବାପ-ମା'ଙ୍କର ଶ୍ରାଦ୍ଧ ପାଳନ କର । ଏହାକୁ କହାନ୍ତି ଶ୍ରାଦ୍ଧ । ତେଣୁ ଲୋକଙ୍କ ପାଖରୁ ନିଜର ପ୍ରଶଂସା ପାଇବାକୁ ବହୁ ଅର୍ଥ ବିନିମୟ କରିବା ନିହାତି ନିର୍ବୋଧ କାମ । ତେଣୁ ଆପଣମାନେ ନିଶ୍ଚୟ ଏ ସାଧୁ କଥାକୁ ନିଷ୍ଠୟ ପାଳନ କରିବେ ।

ରାମୁ ସାହୁ ନିଜର ଭୁଲ ବୁଝିପାରି ଅନୁତପ୍ତ ପ୍ରାଣରେ ସାଧୁଙ୍କୁ ପ୍ରଣାମ କରି କ୍ଷମା ମାଗିଲା ଏବଂ ପ୍ରତିବର୍ଷ ଏହିପରି ସେବା କରି ମାତୃ-ପିତୃ ଋଣ ସୁଝିବ ବୋଲି ଶପଥ କଲା । ସମସ୍ତେ ଧନ୍ୟ ଧନ୍ୟ କଲେ । ମାଗୁଣି ସାହୁ ଆଉ ରୁନୁ ସେ ପୁରରେ ଥାଇ ସୁଖୀ ହେଉଥିଲେ କି ଦୁଃଖୀ ହେଉଥିଲେ ସେ ଜାଣନ୍ତି ।

ଗଣ୍ଡରପୁର, କଟକ-୩

୦୦୦

SSC
BANK
RAILWAY
ONLINE TEST
PANDA CLASSES
74-A, BJB Nagar, BBSR
9439850124
7894502318
ASO

# ତିନି ଆଶ୍ରମ

**ଗୀତାଞ୍ଜଳି ନାୟକ**

କାହିଁକି କେଜାଣି ନିରୋଳା ଟିକେ ଖୋଜି ଖୋଜି ବାହାରକୁ ଆସିଲି ଭାରି । ଚାଲି ଚାଲି ଘରଠୁ ଦୂରକୁ ଟିକେ ଆସିଲି ଭାରି । ନଈକୂଳ ଦେଖି ଇଚ୍ଛା ହେଲା ଏଇ ବାଲିରେ ଟିକେ ସମୟ କଟେଇବି । ନଦୀବାଲି ଉପରେ ବସି ସେମିତି ମେଘ ବିହୀନ ଆକାଶ ଟାକୁ ଚାହିଁଥାଏ । ମେଘ ନାହିଁ କି ବାଦଲ ନାହିଁ, ହେଲେ ମତେ କାହିଁକି ଭାରି ଖୁସି ଲାଗୁଥାଏ, ସବୁ ମାୟା ମୋହ ଯେମିତି ମୋ ଠୁ ବହୁ ଦୂରକୁ ଚାଲିଯାଇଛନ୍ତି । ଏମିତି ନିଜକୁ ନିଜେ ଗପୁ ଗପୁ ଆସ୍ତଗାମି ଅରୁଣଙ୍କର ସୁନେଲି କିରଣରେ ଦିଗ୍‌ବଳୟ ସୁନେଲି ଆଭାରେ ଝଲ୍‌ସି ଉଠୁଥିଲା । ସୂର୍ଯ୍ୟ ଧିରେ ଧିରେ ଅକାଶ ଭିତରେ ଲୁଚିଗଲେ, ମତେ ଟିକେ ଅନ୍ଧାରୁଆ ଲାଗିଲା । ତଥାପି ନଦୀପଠାର ଶୀତଳ ପବନର ସ୍ୱର୍ଶ ମୋ ମା'ର ସ୍ୱର୍ଶ ପରି ଲାଗୁଥାଏ । ଧିରେ ଧିରେ ଯେମିତି ମୋ ଦେହରେ ଆଉଁସି ଦେଉଛି, କହୁଛି ଅନ୍ଧାର ଦେଖି ଡରିଗଲ କି ? ସୂର୍ଯ୍ୟଙ୍କର ତ ସମୟ ସରିଗଲା । ସେ ଅସ୍ତ ହେଇଗଲେ । ଏ ଧରାରେ ସମସ୍ତେ ଏମିତି ଏକ ନିର୍ଦ୍ଧିଷ୍ଟ ସମୟରେ, ଭଗବାନ୍‌ଙ୍କ ନିର୍ଦ୍ଦେଶରେ ଆସନ୍ତି । ଆଉ ଧରାପାଇଁ କିଛି କ ର୍ତ୍ତବ୍ୟ ସାରି ତାଙ୍କରି ଇସାରାରେ ଚାଲି ଯାଆନ୍ତି । ତୋର ବି ଶ୍ରଷ୍ଟାଙ୍କର କ ର୍ତ୍ତବ୍ୟ ଠିକ୍ ସମୟରେ କରିବା ଦରକାର । ତୁ ଏମିତି ପଶ୍ଚିମ ସୂର୍ଯ୍ୟଙ୍କୁ ଅନେଇ ବସିଲେ କ'ଣ ଚଳିବ ? ସୂର୍ଯ୍ୟ କ'ଣ କେବେ ରାତ୍ରିର ଅନ୍ଧକାର ଦୂର କରିପାରିବେ ? ଭଗବାନଙ୍କ ଲିଳା ବଡ଼ ବିଚିତ୍ର । ସମସ୍ତଙ୍କର କିଛି କିଛି ସମୟ ଅଛି, ସେଇ ନିର୍ଦ୍ଧିଷ୍ଟ ସମୟରେ ତାଙ୍କର ଶକ୍ତି ଆଉ ସାମର୍ଥ୍ୟ ଥାଏ । ତେଣୁ ତୁ ମୋ କଥା ମାନି ପଶ୍ଚିମର ମୁହଁ ଫେରେଇ ଟିକେ ପୂର୍ବ ଆକାଶକୁ ଚାହଁ । ଶୀତଳ ଆଲୋକ ଧରି କିଏ ଆସୁଛି ? ସୂର୍ଯ୍ୟର ଆଲୋକ ଭଳି ନ ହେଲେ ମଧ ମନରେ କେତେ ଆଶା ନେଇ ଆଲୋକ ଦବାପାଇଁ ସେ କେମିତି ଆଗଭର ଟିକେ ତୋ ପଛକୁ ଅନା ।

ମତେ ଯେମିତି ଲାଗିଲା । ବୋଉ ତା'ର ଅକୁହା କଥା ଗୁଡ଼ାକ ପବନ ମାଧମରେ ମୋ କାନ ପାଖରେ କହୁଛି । ମୁଁ ଥିଲି ବାପା, ମାଙ୍କର ଗୋଟିଏ ବୋଲି ସନ୍ତାନ । ବାପା ଅକାଳରେ ଆରପାରିକୁ ଚାଲିଗଲେ । ମୁଁ ସେତେବେଳେ କଲେଜରେ ପଢୁଥାଏ । ବାପାଙ୍କ ପେନ୍‌ସନରେ ଆମେ ମା'ପୁଅ ଦୁଃଖେ ସୁଖେ ଚଳି ଯାଉଥିଲେ । ମୁଁ ଏତେ ଭଲ ପଢୁନଥିଲି । ଆଗକୁ ଆଉ ନ ପଢ଼ି ଦୋକାନଟିଏ ଦେଇ ଗାଁରେ ବେଶ୍ ଭଲରେ ଥିଲୁ । ବୋଉ ସବୁଦିନ ଲଗାଏ ତୋତେ ହାତକୁ ଦି ହାତ କରିଦେଲେ ମୋ ଚିନ୍ତା ଯିବ । ମୁଁ କିନ୍ତୁ ଧରା ଛୁଆଁ ଦିଏନି, କାହିଁକି ନାଁ ମୁଁ ମୋ ବୋଉପାଇଁ ଦୁଃଖ କିଣିବାକୁ ଚାହେଁନି, କାହିଁକି କେଜାଣି ସନାତନ ମଉସାଙ୍କ ଦୁଃଖ କାହାଣୀ ଶୁଣି, ଶୁଣି ବୋଉ କଥାରେ ବାହା ହେବାକୁ ରାଜି ହେଉ ନ ଥିଲି ।

କାରଣ ସନାତନ ମଉସା ବାପାଙ୍କର ଘନିଷ୍ଟ ବନ୍ଧୁଥିଲେ, କଳାହାଣ୍ଡି ର ଗୋଟିଏ ତହସିଲ୍ ଅଫିସ୍‌ରେ ଦୁଇଜଣ କିରାନି ଥିଲେ । ଗୋଟିଏ ଗାଁ ରେ ଦୁଇଜଣଙ୍କର ଘର । ମଉସାଙ୍କର ବହୁଦିନ ଧରି ପିଲା

ପିଲି ହେଉ ନଥିଲେ । ମାଉସୀର ସେଇ ଗୋଟିଏ ଦୁଃଖ, ଦୁହେଁ ସ୍ଥିର କଲେ, ପାଖ ଅନାଥ ଆଶ୍ରମରୁ ପିଲାଟିଏ ଆଣିବା । ଶେଷରେ ସୁନ୍ଦର ପୁଅଟିଏ ଆଣିଲେ । ଆଉ ଗାଁ, ଗଣ୍ଡା, ବନ୍ଧୁ, ବାନ୍ଧବଙ୍କୁ କହିଲେ ଯେ ନିଜର ପୁଅଟିଏ ହେଇଛି । ସମସ୍ତେ ୧୫ବର୍ଷ ପରେ ପୁଅ ହବା ଶୁଣି ଖୁସି କହିଲେ ନ ସରେ । ଯେତେ ମାନସିକ ପୂଜା ସବୁ କରି ପକେଇଲେ । ଆଉ ମୋ ବାପା, ବୋଉଙ୍କୁ ମନା କରିଥିଲେ କାହାକୁ କହିବ ନି, ଅନାଥ ଆଶ୍ରମରୁ ଆଣିଛି ବୋଲି । ତାକୁ କାଳେ ସମସ୍ତେ ଅନ୍ୟ ଦୃଷ୍ଟିରେ ଦେଖିବେ, ବାପା, ମା ନାହାଁନ୍ତି ବୋଲି, ମୋ ପୁଅ କାଳେ ମନ କେତେବେଳେ ଖରାପ କରିବ । ତେଣୁ ସମସ୍ତେ ଜାଣନ୍ତି ନିଜ ପୁଅ ବୋଲି । ପୁଅଟିର ଦେଖାଶୁଣା, ଲାଳନ, ପାଳନରେ କେଉଁଥିରେ ନିଜ ପିଲାଠୁ କମ୍ କରିନାହାଁନ୍ତି । ମାଉସୀ ନିଜ ପିଲାଠୁ ଅଧିକ ସ୍ନେହ ଆଦରରେ ବଢ଼େଇ, ପାଠ ପଢ଼େଇ ମଣିଷ କଲେ । ସନାତନ ମଉସା, ବାପାଙ୍କଠୁ ବଡ଼ଥିଲେ । ରିଟାର୍ଡ ପରେ ଗାଁ କୁ ଫେରି ଆସିଲେ । ପୁଅଟି ସେତେବେଳକୁ ପାଠ ପଢ଼ା ଶେଷ କରିନଥାଏ । ବାହାରେ ରହି ପାଠ ପଢ଼ିଲା, ଭଲ ଚାକିରିଟିଏ ମଧ କଲା ମଉସା, ମାଉସୀଙ୍କ ଖବର ବହୁତ ବୁଝେ, ଚାକିରୀର ସବୁ ପଇସା ଆଣି ମଉସାଙ୍କୁ ଧରାଏ । ମଉସା କହନ୍ତି ଆମେ ବୁଢ଼ା, ବୁଢ଼ୀ ପେନ୍‌ସନ ପଇସା ଖାଇଲେ ସରୁନି, ତୁ ରଖ ଏମିତି ହସ ଆଉ ଖୁସିରେ ଦିନ ଗୁଡ଼ାକ କେତେବେଳେ ତାଙ୍କର କଟିଯାଏ । ମଉସା ସ୍ଥିର କଲେ ଗାଁର ଝିଅଟିଏ ତା ନାଁ ପୂଜା ସତରେ ଝିଅଟି ତା ନାଁର ଯେମିତି ଉଦାହରଣ । ଭାରି ଭଦ୍ର, ନମ୍ର ଆଉ ରୂପରେ ଲକ୍ଷ୍ମୀ ପ୍ରତିମାଟେ ପରି ଗୁଣ ବି ସେମିତି । ସମସ୍ତେ କୁହନ୍ତି ଗାଁରେ ସେ ଗୋଟିଏ ଝିଅ ତା ସାଙ୍ଗରେ କେହି ସରି ହେବେ ନାହିଁ । ବାହାଘର କରିଦେଲେ । କିଛି ଦିନ ଗାଁରେ ରହି, ମାଉସୀ କହିଲେ ମୋ ପୁଅ ଖାଇବା, ପିଇବା ହଇରାଣ ହେବ ତୁ ଯା ସାଙ୍ଗରେ, ପୁଅ ବୋହୂ ସହରକୁ ଆସିଲେ ଭାରି । ପ୍ରଥମେ ପ୍ରଥମେ ବର୍ଷେ ଛ ମାସରେ ଘରକୁ ଆସୁଥିଲେ । ଏମାନଙ୍କ ଏବେ ବୟସ ହେଇ ଗଲାଣି ଟିକେ ସାହାରା ପାଇଁ ବୋହୂକୁ ନେଇ ଆସିଥିଲେ । ସେ ୪/୫ ବର୍ଷରେ ଥରେ ଆସିବ ଯେ ସେଥିରେ ପୁଣି ବୋହୂର ଗାଁରେ ଚଳିପାରୁନି, ଯୋଉ ଗାଁରେ ଚଳିକି ଯାଇଛି ସେଇ ଗାଁରେ ପୁଣି ଚଳିପାରୁନି । ଗାଁରେ ପଶିଲେ ମାନେ ଗାଁକୁ ନାକ ଟେକେ ଆଉ ଗାଁ ଲୋକଙ୍କୁ ଜମା ପସନ୍ଦ କରେନି । ପୁଅ ଦେଖେ କି ବୋଉ ମୋର ପୁଅ ବୋହୂ ଆସିଛନ୍ତି ବୋଲି ଚୁଲି ପାଖରେ ବସି ବସି କେତେ କ'ଣ କରିଯିବ ଆଉ ଶ୍ରଦ୍ଧାରେ ବୋହୂ ବୋହୂ ଆ ମା' କ'ଣ ଦିଟା ଖାଇଦେଇ ଯା । ପେଟ ଗରମ ହେଲେ ନାତିଟାର ଝାଡ଼ା ହେବ । ସାତୁ ବୋହୂ କହୁଥିବ ଏ ବୁଢ଼ିଟା ଯାହା ସାଙ୍ଗରେ ଟିକେ ଫୋନ୍‌ରେ କଥା ହେଲେ ବୁଢ଼ି ବୋବାଳି ଛାଡୁଛି, ପୁଅ ସବୁ ଶୁଣିଲେ ବି ସେ କ'ଣ କରିବ । ଅକାରଣରେ ଅଶାନ୍ତି ବଢ଼ିଯିବ ଭାବି ନେଇକି ପଳାଏ । ମାଉସୀର ଆଖି, ହୃଦୟ ଲୁହରେ ଭିଜିଯାଏ । ଅମାନିଆ ଲୁହକୁ କାଳେ ପୁଅ କି ମଉସା କିଏ ଦେଖିଦେବେ ସେଥିପାଇଁ ଚଟାପଟ୍ ପଣତକୁ ନେଇ ଆସେ । ନାତିଟାକୁ କୋଳେଇ ନବାକୁ ବହୁତ ମନ ହୁଏ । ବୋହୂର ତାଗିଦ୍ ତାର ଇମ୍ଫେକ୍‌ସନ ହେବ । ପୁଅଟି ଅବଶ୍ୟ ମନ କଥା ଜାଣି ବୋହୂ ନଥିବା ବେଳେ କୋଳରେ ଆଣି ନାତିକୁ ଦିଏ । ଭାବିଥିଲେ ଗାଁର ଅପାଠୋଇ, ସୁନ୍ଦରୀ, ଶାନ୍ତଶିଷ୍ଟ ଆଣିଲେ ସେ ଆମପାଖରେ କେତେଦିନ ରହିବ । ଆମ ଦୁଃଖ ବୁଝିବ, ହେଲେ ଫଳ ହେଲା ଓଲଟା । ଏମିତି ଭିତରେ ପୁଅଟିର ଇଚ୍ଛାଥିଲେ ବି ବାପା, ମାଙ୍କୁ ହତାଦର

କରିବାକୁ ବାଧ ହୁଏ । ଯେତେ ଚେଷ୍ଟା କଲେ ବି ଫଳ କିଛି ହୁଏନି । ମନରେ ଅଜସ୍ର କୋହକୁ ଚାପି ରଖି ତା କର୍ମକ୍ଷେତ୍ରକୁ ପଳାଏ । ଏମିତି ଭିତରେ ମାଉସୀଙ୍କର ହାର୍ଟ ବେମାରି ବାହାରିଲା । ତିନି, ଚାରିଦିନରେ ସେ ମଉସାଙ୍କୁ ଏକୁଟିଆ କରି ଚାଲିଗଲେ । ପୁଅ ବୋହୂ ସୁଦ୍ଧଘର କରି ସାରି ବାହାରିଲେ । ବୋହୂ କହିଲା ବୋଉଥିଲେ ଅଲଗା କଥା, ବାପା ଏକୁଟିଆ ଏଠି କାହିଁକି ପଡ଼ିଥିବେ, ଅମ ସାଙ୍ଗରେ ଚାଲନ୍ତୁ ଭାରି । ସେଠି ଛୁଆ ସାଙ୍ଗରେ ଆମ ସାଙ୍ଗରେ ରହିଲେ ମନ ପରିବର୍ତ୍ତନ ହେଇଯିବ । ପୁଅଟି ଭାବିଲା ଯାହା ହେଉ ପଛେ ମୋ ସ୍ତ୍ରୀ ଦୁଃଖ ବୁଝିପାରିଲା । ତେଣୁ ବାପାଙ୍କୁ ନେଇଗଲେ । ବେଶ୍ ସେବା ଯତ୍ନରେ ବାପାଙ୍କ ଦିନ ଗୁଡ଼ାକ ଖୁସିରେ କଟିଯାଉଥାଏ । ପୁଅର ମନ ଖୁସି କହିଲେ ନ ସରେ । କିଛି ଦିନ ପରେ ବୋହୂ ପ୍ରସ୍ତାବ ଦେଲା । ବାପାଙ୍କୁ କୁହ ଯମି, ବାଡ଼ି, ଘର ସବୁ ବିକି ଦେବା । ଆଉ ଏଠି ନୂଆଘରଟିଏ କିଣି ସମସ୍ତେ ରହିବା । ମଉସା ଆଉ ତାଙ୍କ ପୁଅ ସେଇଆ କଲେ । ଘର ଖଣ୍ଡେ କିଣି ଦେଲେ, ପ୍ରତିଷ୍ଠା ହେଲା । ଗୃହ ପ୍ରବେଶ ଦିନ ବୋହୁ କହିଲା, ବାପାଙ୍କୁ ଗୋଟେ ଭଲ ବୃଦ୍ଧାଶ୍ରମ ଦେଖି ଛାଡ଼ିଦେଇ ଆସ । ପୁଅ କିଛି କହିବା ପୂର୍ବରୁ ମଉସା କହିଲେ ତୁ ମୋ ପାଇଁ ବ୍ୟସ୍ତ ହଅନି, ତୋ କଥା ଅନୁସାରେ ମୁଁ ନିଜେ ବୃଦ୍ଧାଶ୍ରମ ଖୋଜି ଯାଇପାରିବି । ଏହା କହି ମଉସା ଘରୁ ଆସିଲେ ଭାରି । ପୁଅଟି ଯେତେ କାକୁତି, ମିନତି ହେଇ କହିଲା, ଗୋଡ଼-ହାତ ଧରିଲା, ମଉସା ଜମା ରହିଲେନି । ମଉସା ଟିକେ ସ୍ୱାଭିମାନୀ ଲୋକଥିଲେ । ସେ ଆସିବା ବେଳେ କହିଲେ ମା' ସତର୍କ ଥିବୁ । ତୋ ପୁଅ ଯେମିତି ତୋ ସାଙ୍ଗରେ ଏମିତି ବିଶ୍ୱାସ ଘାତକ ନ କରେ, ପୁଅଟି ତା ଛଳନା ଆଗରେ ପାଟି ଫିଟାଇଲେ ସାଇ, ପଡ଼ିସାଙ୍କ ଆଗରେ ମୁଣ୍ଡ ଟେକି ବାଟ ଚାଲିପାରିବିନ । ସେପଟେ ବାପାଙ୍କୁ ଅସହାୟ ଅବସ୍ଥାରେ ଛାଡ଼ି ତାଙ୍କର ଜମି, ବାଡ଼ି ବିକ୍ରି କରି ଏତେ ଅନ୍ୟାୟ କଲି ବୋଲି ମନକୁ ଯେମିତି କିଏ କୁରାଢ଼ୀରେ ଚୋଟ ପରେ ଚୋଟ ଦେଇ ଚାଲିଛି ସେମିତି ଲାଗୁଥାଏ ।

୨ ବର୍ଷ ପରେ ମଉସା ଗାଁକୁ ବୁଲିବାକୁ ଆସିଥାନ୍ତି, ଗାଁ ଆଉ ସବୁ ବୁଲା, ବୁଲି କଲେ । ବୋଉ କହିଲା ଭାଇ ଆଜି ଆମ ଘରେ ରହିଯିବ । କାଲିକି ଯିବ, ମଉସା କହିଲେ ମୁଁ ଭାବିଥିଲି ସେଇଆ କରିବି । ମୋ ପାଟିର କଥା ଛଡେଇ ନେଲ, ଆଜି ରହି କାଲି ଯିବିଭାରି, ରାତିରେ ଖାଇବାକୁ ଦେଇ ବୋଉ ପଚାରିଲା ଭାଇ କ'ଣ ପୁଅ-ବୋହୂ ଏମିତି ବାନ୍ଧି ରଖିଲେ ଯେ ଗାଁ କଥା ଆମ କଥା ପୁରା ଭୁଲିଗଲ ? ମଉସା ଆଉ କୋହ ସମ୍ଭାଳି ପାରିଲେ ନାହିଁ । ସବୁକଥା ମୂଳରୁ, ଶେଷ ପର୍ଯ୍ୟନ୍ତ କହିଦେଲେ । ମନଟା ଟିକେ ହାଲୁକା ହେଇ ଗଲା, କହିଲେ ମୋର ଗୋଟିଏ କଥା ଏ ପର୍ଯ୍ୟନ୍ତ କାହା ଆଗରେ କହି ନ, ମୁଁ ଅନାଥ ଆଶ୍ରମରୁ ପୁଅଟିକୁ ଆଣିଛି ବୋଲି କେହି ଯେମିତି ଜାଣି ନାହାନ୍ତି । ସେମିତି ମୋର ଅନୁରୋଧ ମୁଁ ବୃଦ୍ଧାଶ୍ରମରେ ରହିବାଟା ଯେମିତି କେହି ନ ଜାଣନ୍ତି । ଏତିକି ମୋର ରଖିନ, ମୁଁ ପାଖରେ ରହି ସବୁ ଶୁଣୁଥିଲି ।

ଏସବୁ ଶୁଣି ଶୁଣି ମୁଁ ଚାହୁଁ ନଥିଲି ମୋ ବୋଉ ପାଇଁ ଦୁଃଖର ପାହାଡ଼ ଆଣିବାକୁ, ମୁଁ କାଳେ ମଉସାଙ୍କ ପୁଅ ଭଳି ପରିସ୍ଥିତିରେ ପଡି ପରିବର୍ତ୍ତନ ହେଇଯିବି । ବୋଉ ଯେତେ ପ୍ରକାରେ ବୁଝେଇଲା, ଭାବିଲି ମୁଁ ନିଜେ ମୋ ବୋଉର ସାହାରା ହେବି । ବୋଉ ଆଉ ବୋହୂ

ଆଣିବା କଥା କହିବିନି ସକାଳୁ ଉଠି ସବୁ କାମ ବୋଉର ସାରିଦେଇ ଦୋକାନ ଖୋଲେ । ପୁଣି ଦୋକାନ ବନ୍ଦ କରି ରୋଷେଇ ରେ ବୋଉକୁ ସାହାଯ୍ୟ କରି ଦେହ ହାତ ଘସା ମୋଡା ରାତିରେ କରି ଦେଇ ଶୁଏ । ବୋଉର ଟିକେ ଶ୍ୱାସ ଥାଏ । କାଶି କାଶି ରାତିରେ ବେଦମ ହେଇଯାଏ । ମୋତେ ଆଉ ବାହାଘର କଥା କିଛି ନ କହି, ମନରେ ଭାବେ ଗାଁରେ ମୋ ବୟସର କାହା ପୁଅ ମୋ ସାଙ୍ଗରେ ବାହାହେଲେ ମନ ଉଣା କରିଦିଏ । ଦିନେ ମୋ ମାଉସି ସହରରୁ ବୋଉକୁ ଦେଖିବାକୁ ଆସିଥାଏ ମଉସା, ଆମର ଏମିତି ଅବସ୍ଥା ଦେଖି କହିଲା ଅପା ତୁ ଏତେ ଦୁର୍ବଳ ହେଇଗଲୁଣି ପୁଅଟିକୁ ବାହା କାହିଁକି କରୁନୁ ତୁ ମଲାପରେ ସେ ଏକୁଟିଆ ହେଇଯିବ । ତୁ ଯଦି କହିବୁ ଆମ ପଡ଼ିଶା ଘର ଝିଅଟିଏ ଭାରି ଭଲ ଝିଅଟି ତାକୁ ବାହାଘର କରିଦେବା ବୋଉ କହିଲେ ସେ ପରା ରାଜି ହେଉନି । ଏବେ ସିନା ସେ ରାଜି ହେଉନି କାଲି ବୟସ ଚାଲିଗଲେ କେହି ରାଜି ହେବନି । ପୁଣି ତୋର ସିନା ସବୁ କାମ ସେ କରୁଛି, ଚିନ୍ତା କଲୁ ତୋ ଭଳି ହେବା ବେଳକୁ ତାକୁ କିଏ ଆହା କରିବ । ତା ଦେହ, ମୁଣ୍ଡ ହେଲେ ତୋ ପରେ କିଏ ଅଛି । ଯିଦ୍ କରି ମାଉସୀ ସେହି ଝିଅଟି ସାଙ୍ଗରେ ମୋ ବାହାଘର କରିଦେଲା । ବାହା ହେଇଗଲି ସତ, ହେଲେ ମୋର ସବୁବେଳେ ଭୟ ଥାଏ । କାଳେ ମୁହଁ ଦେଲେ ମୋ ବୋଉକୁ କ'ଣ କହିବ ? ତେଣୁ ମୁଁ ମୋର ସ୍ନେହ, ଆଦର, ଭଲପାଇବା ସବୁଥିରୁ ବଞ୍ଚିତ କରେ । ଏମିତି କି କୌଣସି କଥାରେ ମୁଁ ତାକୁ ସମ୍ମତି କରେନି । ଯେତେ ଭଲକାମ କଲେ ବି ତା ମନ ଖୁସି ପାଇଁ ଟିକେ ବି ପ୍ରଶଂସା କରେନି । ନିରବରେ ବୋଉର କାମ, ଘରର କାମ ସବୁ କରିଚାଲେ । ସତେ ଯେମିତି ନିରବରେ ଯନ୍ତ୍ର ଚାଳିତ ମୂର୍ତ୍ତି ପରି ଦିନ, ରାତି କାମ କରି ଚାଲେ । ବୋଉ ଶେଷରେ ବିଛଣାରେ ପଡ଼ିଗଲା । ବୋଉର ସେବା କରି କରି କେବେ ସେ ଥକି ପଡେନି । ବୋଉକୁ ମଲାମୁହଁରୁ ଯେମିତି ତା'ର ସେବା ଶୁଶ୍ରୁସା ଟାଣି ଆଣିଲା । ବୋଉ ଟିକେ ଭଲ ହେଲାରୁ ମୋ ମନ ହାଲୁକା ଲାଗିଲା ଯାଇ ଦୋକାନ ଖୋଲିଥିଲି ।

ଦୋକାନରୁ ଆସି ନିଉଜ୍ ଦେଖିଲି । ଟିଭିରେ ଦେଉଥିଲା ଯେ ବୃଦ୍ଧାଶ୍ରମ ଗାଡ଼ି ତୀର୍ଥ କରିଯାଇଥିଲେ । ଆଉ ସେହି ଗାଡ଼ି ଲେଉଟି ପଡ଼ିଛି । କେତେ ଜଣଙ୍କର ନାଁ ଦେଉଥାଏ, ମୋ ମନରେ ଭୟ ଯେ କହିଲେ ନ ସରେ, ମୃତକଙ୍କ ନାଁରେ ମଉସାଙ୍କ ନାଁ ନଥିଲା । ନିଜକୁ ଟିକେ ଆଶ୍ୱସ୍ତି କଲି, ତା' ପରେ ନିଉଜ୍‌ରେ ଆସିଲା ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଭର୍ତ୍ତି ହେଇଥିଲେ ଦୁଇଘଣ୍ଟା ପରେ ଚାଲିଗଲେ । ଆଉ ତାଙ୍କର କୌଣସି ସମ୍ପର୍କୀୟଙ୍କ ସାଙ୍ଗରେ ଯୋଗାଯୋଗ ହେଇ ପାରୁନି । ମୁଁ ସାଙ୍ଗେ ସାଙ୍ଗେ ଦୌଡ଼ିଗଲି ବୃଦ୍ଧାଶ୍ରମକୁ ଆଉ ଦେଖିଲି ମଉସା ଆଉ ଦୁନିଆରେ ନାହାଁନ୍ତି, ମଉସାଙ୍କ ପୁଅ ପାଖକୁଗଲି, ସେ ନଥିଲେ ବାହାରକୁ କୁଆଡ଼େ ଟୁର୍‌ରେ ଯାଇଥିଲେ । ବୋହୁ ମଉସାଙ୍କ କଥା ଶୁଣି କହିଲା, ଏ ଲୋକଗୁଡ଼ାଙ୍କର କିଛି କାମ ନାହିଁ । ଆ ତା ଘରେ ମୁଣ୍ଡ ପୁରାଇ ଦୌଡ଼ି ଆସୁଛନ୍ତି । ସେଠୁ ନିରାଶରେ ଫେରି ମଉସାଙ୍କୁ ନେଇ ଗାଁ କୁ ଆସିଲି । ତାଙ୍କର ପୋଡାପୋଡି କ୍ରିୟା, କର୍ମ ସବୁ କଲି । ବୋଉ କହିଲା ଯେଉଁଥିପାଇଁ ପୁଅଟିଏ ଆଣିଥିଲେ ସେ ତାର କର୍ତ୍ତବ୍ୟ କିଛି କଲାନି ।

ବୋଉ ଠିକ୍ କଥା କହୁଥିଲା । ସବୁ ସ୍ତ୍ରୀଲୋକ ତା ଭଳି ନୁହଁ, ମୁଁ ଆଜି ଠିକ୍ ବୁଝୁଛି । ବୋଉର କଥା

ଗୁଡ଼ାକ ପବନରେ ମୋ କାନ ଭିତରେ କହି ଯାଉଛି । ବୋଉ କହେ କିଏ ଆସେ ଘରକୁ ସ୍ୱର୍ଗରୁ ନର୍କ ତିଆରି କରେ । କିଏ ଆସେ ନର୍କରୁ ସମସ୍ତଙ୍କୁ ଉଦ୍ଧାର କରିବାକୁ ଯାହାକୁ ଯାହା କରିଛି ଦଇବ । କିଏ ସର୍ପ କୂଳରେ ଯାତ ହେଇଥାଏ, କେବଳ ବିଷ ହିଁ ବିଷ ଉଗାଳିବ । ହେଲେ କିଏ ଦେବ ଅଂଶୀ କ୍ଷମା, ଦୟା, ଧର୍ମ ନେଇ ଆସିଥାଏ । ସଂସାରରେ ଅମୃତ ବର୍ଷା କରିବାକୁ । ଆଜି ବୋଉର କଥା ଭାବୁଛି । ଅନାଥ ଆଶ୍ରମରୁ ଆଣି ସେ ଆଜି ବେକାର ହେଇଗଲେ । ମୁଁ ସହରର ଝିଅ ବାହାହେଇ ସେ ଆଜି ତା'ର ସେବା ବଳରେ ମୋ ବୋଉକୁ ମୃତ୍ୟୁ ଠାରୁ ଦୂରେଇ ଆଣିପାରିଲା । ମୋର ବୁଝି ବଡ଼ ଭୁଲ୍ ହେଇଥିଲା, ମୁଁ ତାକୁ ଜାଣି, ଜାଣି ବହୁତ କଷ୍ଟ ଦେଇଛି । ସବୁ ଭଲଗୁଣ ଦେଇ ଯେମିତି ଠାକୁର ମୋ ପାଇଁ ପଠେଇଛନ୍ତି । ହେଲେ ମୋ ପାଖରେ ତା'ର ସବୁ ଭଲଗୁଣ ଫିକା ପଡିଯାଇଥିଲା । ମୁଁ ଏସବୁ ଜାଣିଲେ ବି ମୋ ନିଜ ଭିତରର ମଣିଷ ତା'ର ଭଲ ଗୁଣକୁ ଜମା ଗ୍ରହଣ କରେନି । ସବୁବେଳେ ମୋ ମନରେ ଭୟ ମୋତେ ଜାଗ୍ରତ କରାଏ ।

ମଉସା ଅନାଥ ପିଲାଟିକୁ ଘରେ ରଖି ଲାଳନ ପାଳନ କରି ତାଙ୍କ ଧର୍ମ ସେ ଘରେ ରହି କରିପାରିଲେ । ହେଲେ ତାଙ୍କ ପୁଅ, ବୋହୂ ଘରେ ବୃଦ୍ଧା ଅବସ୍ଥାରେ ସେବା ନ କରି ବୃଦ୍ଧାଶ୍ରମରେ ଛାଡ଼ିଦେଲେ । ମୁଁ ଓ ମୋ ସ୍ୱାମୀ ମୋ ବୋଉର ସେବାକରି ତାକୁ ବୃଦ୍ଧାଶ୍ରମ ଯିବାକୁ ଦେଇନୁ ଆଉ ଗୋଟିଏ ଆଶ୍ରମ କାହିଁକି ମୋ କର୍ତ୍ତବ୍ୟ ଭୁଲି ଯିବି । ଯେଉଁ ଝିଅଟି ମୁଁ ସ୍ୱାମୀ ରୂପରେ ଆଣିଛି । ସେ ତ ଅନାଥ ଠାରୁ କିଛି କମ୍ ନୁହେଁ । ଘର, ଦ୍ୱାର, ବାପା, ମା, ଧନ, ସମ୍ପତ୍ତି ସବୁ କୁ ପଛରେ ପକେଇ ଆସିଛି । ସେ ଟିକିଏ ସ୍ନେହ, ଶ୍ରଦ୍ଧା, ଭଲପାଇବାକୁ ସାଉଁଟି ନେବା ପାଇଁ କେତେ ବ୍ୟାକୁଳ । ବୋଉ କଥାକୁ ମାନି ତାକୁ ଘରର ସଦସ୍ୟ, ନିଜର ସ୍ନେହ ଆଦର ଦେଇ ଗୃହସ୍ଥ ଆଶ୍ରମ ଫେରିଯିବି । ମୋ ସୁଖର ସମ୍ପୂର୍ଣ୍ଣ ତା ପାଖରେ, ତେଣୁ ଏ ୩ଟି ଯାକ ଆଶ୍ରମର ଠିକ୍ ସଦ୍ ବ୍ୟବହାର କଲେ ଘର ସ୍ୱର୍ଗ ହେଇଯାଏ ।

୧. ଅନାଥ ଆଶ୍ରମ - ଅନାଥ ଆଶ୍ରମରୁ ଛୁଆଟିଏ ଆଣିଲେ, ବାପା ମା ଛୁଆଟିଏ ପାଇ ଜୀବନ ଧନ୍ୟ ହେଇଯାଏ । ଆଉ ଛୁଆଟି ମଧ ସାହାର ପାଇ ବାପା, ମାଙ୍କ କୋଳରେ ସ୍ୱର୍ଗୀୟ ସୁଖ ପାଏ ।

୨. ବୃଦ୍ଧାଶ୍ରମ - ବୃଦ୍ଧ ଅବସ୍ଥାରେ ନିଜର ବାପା, ମା'ଙ୍କୁ ଅସହାୟ ଅବସ୍ଥାରେ ବୃଦ୍ଧାଶ୍ରମରେ ନ ଛାଡ଼ି, ଯଥାସାଧ ନିଜଘରେ ସେବା ଯତ୍ନ କରି, ନିଜର ଘରେ ଛୋଟ ବୃଦ୍ଧାଶ୍ରମଟିଏ ଭାବିଲେ ଭଗବାନଙ୍କ ଆଶିର୍ବାଦ ଶହ ନିଜ ବାପା, ମା'ଙ୍କ ଆଶୀର୍ବାଦ ସଦା ସର୍ବଦା ତୁମ ପାଖରେ ଥାଏ

୩. ଗୃହାସ୍ଥାଶ୍ରମ - ନିଜର ବାପା, ମା'ଙ୍କ ଯତ୍ନ ନେବା ଯେମିତି ଜରୁରୀ  ନିଜ ସ୍ୱୀ, ପୁଅ ଏବଂ ଝିଅର ଯତ୍ନ ନେବା ଏବଂ ଯଥା ସାଧ ଆବଶ୍ୟକ ପୂରଣ କରିବା । ଯେଉଁ ଝିଅଟି ପର ହେଲେ ବି ମୋ ଘରେ ମୋ ବାପା, ମା' ପିଲା ଘର ସମସ୍ତଙ୍କୁ ନିଜର ଭାବି ଅନବରତ ସେବା କରି ଚାଲିଛି । ତା ସୁଖ, ଶାନ୍ତି, କଥା ଆମେ ଥରଟେତ ଚିନ୍ତା କରିବା ଆମର କର୍ତ୍ତବ୍ୟ, ସମସ୍ତେ ଖୁସିରେ ରହିଲେ । ଛୋଟିଆ ଘରଟି ସ୍ୱର୍ଗ ପରି ଲାଗିବ ।

ନୂଆପଡ଼ା, କଟକ

୦୦୦

# ମନଗହନର କଥା

ଡ. ବିଦ୍ୟୁତ୍‌ପ୍ରଭା ମିଶ୍ର

ସ୍ୱାଧୀନ ! ସ୍ୱାଧୀନ ! ସବୁଆଡ଼େ ଆଜି ସନିଆ ଶୁଣୁଛି ଏହି ଶବ୍ଦଟିକୁ । ଆଜି ଅଗଷ୍ଟ ପନ୍ଦର । ସବୁଆଡ଼େ ଧୋବଧୋବଳିଆ ବାବୁମାନେ ସର୍‌ର ସର୍‌ର ହୋଇ ତରବରିଆ ଭାବେ ଗାଡ଼ିରୁ ଓହ୍ଲେଇ ପଡି ପତାକା ଉତ୍ତୋଳନରେ ବ୍ୟସ୍ତ । ସବୁଆଡ଼େ ମାଇକ୍‌ ଶବ୍ଦ ଫାଟିପଡୁଛି । କେଉଁଠି ବନ୍ଦେ ମାତରମ୍‌ ତ କେଉଁଠି ଜାତୀୟ ସଂଗୀତ ବୋଲାଯାଉଛି । ପୁଣି ଭାରତମାତାକି ଜୟ ଧ୍ୱନିରେ ସମଗ୍ର ଭାରତବର୍ଷ ଦୋହଲି ଯାଉଛି । ଆଣ୍ଠୁ ଉପରକୁ ଗାମୁଛା ଖଣ୍ଡେ ପିନ୍ଧି ମୁଣ୍ଡରେ ଗାମୁଛା ବାନ୍ଧି ବିଲକୁ ଯାଉଥିବା ବାଟରେ ପୋଲିସ୍‌ ପଡିଆରେ ଏପରି ବିରାଟ ସଭାକୁ ଦେଖି ଅଟକିଗଲା ସନିଆ । ମାଇକ୍‌ରେ ଆମ ମନ୍ତ୍ରୀ ସାହେବ କ'ଣ ସବୁ ଭାଷଣ ଦେଉଛନ୍ତି । ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ପ୍ୟାରେଡ୍‌ରେ ବ୍ୟସ୍ତ, ପୋଲିସ୍‌ ବିଭାଗ ଆଜି ସଜାଗ ହୋଇ ଉଠିଛନ୍ତି । ଏସବୁ ଦେଖି ସନିଆ ଟିକେ ଅଟକିଗଲା । ମନ୍ତ୍ରୀ ସାହେବ ବଡ଼ ଜୋର୍‌ରେ ଭାଷଣ ଦେଉଛନ୍ତି । କରତାଳିରେ ଫାଟିପଡୁଛି ପଡିଆ । ଶହ ଶହ ଲୋକ ଭିତରେ ଠେଲା ପେଲା ହୋଇ ଆଗକୁ ଯିବାରେ ବ୍ୟସ୍ତ, ମନ୍ତ୍ରୀଙ୍କୁ ପାଖରୁ ଦେଖିବା ପାଇଁ । ଏସବୁ ଦେଖି ହସ ଲାଗିଲା ସନିଆକୁ । ମନ୍ତ୍ରୀ ଉଚ୍ଚସ୍ୱରରେ କହୁଛନ୍ତି, 'ଆମେ ଗରିବ ହଟାଅ' ଅଭିଯାନ କରିଛୁ । ଆମେ ଚାଷୀମାନଙ୍କୁ ଋଣଛାଡ଼ କରିଛୁ । ଇନ୍ଦିରାଆବାସ ଯୋଜନା କରିଛୁ । ଏ ସରକାର ଚାଷୀ ମୂଲିଆ ସବୁ ଗରିବ ଶ୍ରେଣୀରେ ଲୋକଙ୍କ ପାଇଁ ଦୁଇଟଙ୍କାରେ ଚାଉଳ ଯୋଗାଇ ଦେଇଛି । ବେକାରୀମାନଙ୍କୁ ଚାକିରି ଦେଇଛୁ । ତେଣୁ ଏ ସରକାର ଆପଣମାନଙ୍କ ସାହାଯ୍ୟ ନେଇ ଆସିଛି ପୁଣି ଆଗାମୀ ଦିନରେ ମଧ୍ୟ ଆପଣମାନଙ୍କର ସହଯୋଗ ଆମ ପାଇଁ ରହିଛି ଓ ରହିବ ମଧ୍ୟ । ମଝିରେ ମନ୍ତ୍ରୀ ମହୋଦୟ ସବୁ ଲୋକଙ୍କୁ ଚାହିଁ ହାତଯୋଡ଼ି ପକାଉଥିଲେ । ନମ୍ରତାର ବି ମୁଣ୍ଡ ଝୁଙ୍କି ଯାଉଥିଲା ତଳକୁ । ଲୋକମାନେ ବି ମନ୍ତ୍ରୀଙ୍କ ଏତାଦୃଶ ବ୍ୟବହାର ପାଇଁ ବେଶ୍‌ ସନ୍ତୁଷ୍ଟ ଥିବାର ଜଣାପଡୁଥିଲା କରତାଳିରୁ । ମଝିରେ ମଝିରେ ଚେଲାମାନେ ମନ୍ତ୍ରୀ ମହୋଦୟ କି ଜିନ୍ଦାବାଦ୍‌ । ଆମର ଭାଇ ତମର ଭାଇ ଅମୁକ ଭାଇ ଜିନ୍ଦାବାଦ୍‌ । ହସ ମାଡ଼ିଲା ସନିଆକୁ, ତଣ୍ଟି ଫଟା ଶବ୍ଦ ତା ଭିତରେ ପୁଣି ଏ ଜିନ୍ଦାବାଦ୍‌ ଶୁଣି । ଭାବିଲା କାହିଁକି ଏମାନେ ତଣ୍ଟି ଫଟେଇ ଜିନ୍ଦାବାଦ ଦେଉଛନ୍ତି ? କ'ଣ ବା ଲାଭ ଏମାନଙ୍କର ? ସତରେ କ'ଣ ଏମାନେ ମନ୍ତ୍ରୀଙ୍କ କାର୍ଯ୍ୟକଳାପରେ ଏତେ ସନ୍ତୁଷ୍ଟ ।

ମୋର ମନକୁ ମୁଁ ପଚାରେ ? କି ସ୍ୱାଧୀନ ଆମେ ? ସେଦିନ ଗାନ୍ଧିବୁଢ଼ା ଆଣ୍ଠୁ ଉପରକୁ ଲୁଗାଖଣ୍ଡେ ପିନ୍ଧି ଏ ଦେଶକୁ ଏକ ସୁନାର ଭାରତରେ ପରିଣତ କରିବାର ସ୍ୱପ୍ନ ଦେଖିଥିଲେ । ତାଙ୍କର ମୂଳ ଲକ୍ଷ୍ୟ ଥିଲା ସବୁଲୋକ ଗଣ୍ଡେ ଖାଇବାକୁ ଓ ଖଣ୍ଡେ ପିନ୍ଧିବାର ମୌଳିକ ଅଧିକାର ପାଇବେ । କିନ୍ତୁ ଆଜି ସେହି ସ୍ୱପ୍ନ

ସବୁ ପାଣିଫୋଟକା ପରି ମିଳେଇ ଯାଇଛି । ଆଜି ଗାନ୍ଧିଙ୍କ କଥାକୁ କିଏ ବା ମନେପକାଉଛି ? ଖାଲି ଏମିତିଆ ଦିନରେ ତାଙ୍କ ନାମରେ ଜୟ ଜୟକାର ଶୁଣାଯାଏ । ଆଜି ସ୍ୱାଧୀନ କେବଳ ଏଇ ଧୋବଧାଉଳିଆ ବାବୁମାନେ, ଯେଉଁମାନେ ଟଙ୍କା ଦେଇ ସ୍ୱାଧୀନତାକୁ ନିଜ ହାତମୁଠାରେ ରଖିପାରିଛନ୍ତି । କିନ୍ତୁ ମୋ' ପରି ଲୋକ କି ସ୍ୱାଧୀନ ? ସେତେବେଳେ ଯେତିକି ଦାରିଦ୍ର୍ୟତା ଥିଲା ଆଜି ବି କିଛି କମିନି । ଏସନ ମୋର ପିଇସୀ ନାନି ଖାଇବାକୁ ଗଣ୍ଡେ ନ ପାଇ ମାତ୍ର କେଇ ଟଙ୍କାରେ ନୂଆ ହୋଇ ଜନ୍ମ ହୋଇଥିବା କଅଁଳିଆ ପିଲାଟିକୁ ବିକିଦେଲା ଜଣେ ବାବୁଙ୍କ ହାତରେ । କେତେ କାରୁଣ୍ୟ ଥିଲା ସତେ ତା'ର ମୁହଁରେ ? ସେ କ'ଣ ସ୍ୱାଧୀନ ଭାବେ ଚାହୁଁନଥିଲା ତା'ର ପିଲାକୁ ମଣିଷ ପରି ମଣିଷଟେ କରି ଗଢ଼ିବାକୁ । ତା'ପୁଅକୁ ପାଠପଢ଼େଇ ଅନ୍ୟ ପିଲାମାନଙ୍କ ପରି ଯୋଗ୍ୟ କରେଇବାକୁ । ସେ କ'ଣ ସ୍ୱପ୍ନ ଦେଖିନଥିବ ନୂଆକରି ଜନ୍ମ ହୋଇଥିବା ପିଲାଟିକୁ ନେଇ ? କାନ୍ଦକାନ୍ଦ ଲୁହଭିଜା ଆଖିରେ ସେ ବି ଟେକି ଦେଇଥିଲା ତା'ର ନବଜାତ ଶିଶୁଟିକୁ ମାତ୍ର କେଇ ଟଙ୍କାରେ, କାରଣ ସେ ଜାଣିଥିଲା ଅନ୍ୟ ଦୁଇଟା ପିଲାଙ୍କୁ ଗଣ୍ଡେ ଖାଇବାକୁ ଯେଉଁଠି ଦେଇପାରୁନି ସେଠି ଆଉ ଗୋଟିଏ ପିଲାକୁ ଏମିତି ଭୋକ ଉପାସରେ ମାରିବା ଅପେକ୍ଷା ବରଂ ଗଣ୍ଡେ ଖାଇ ବଞ୍ଚିଯିବା ପାଇଁ ସେ ସେଦିନ ଏପରି କରିବା ପାଇଁ ସଂକଳ୍ପ ନେଇଥିଲା କାରଣ ସେ ଜାଣିଥିଲା ଆମପରି ଲୋକମାନଙ୍କ ପାଇଁ ସ୍ୱପ୍ନ ଦେଖିବା ସବୁ ବିଫଳ । ପାଠ ପଢ଼େଇ ମଣିଷ କରିବା କଷ୍ଟସାଧ, ପାଠପଢ଼େଇବା ତ ଦୂରର କଥା ବଞ୍ଚିବା ପାଇଁ ଗଣ୍ଡେ ଖାଇବାକୁ ଦେବା ମଧ କଷ୍ଟସାଧ । ଏ ତ ଗଲା ଗରିବ ହଟାଅ ଅଭିଯାନର ଉଦାହରଣ । ମନ୍ତ୍ରୀ ମହୋଦୟ କହିଲେ ଆମେ ଗରିବ ହଟାଅ ଯୋଜନାରେ ସଫଳ ହୋଇଛୁ । ସେଥିରେ ଲୋକମାନଙ୍କର କରତାଳି ଥିଲା ସବୁଠୁ ଅଧିକ । ବୋଧହୁଏ ସବୁ ଗରିବ ହଟିଯାଇଛନ୍ତି ତାଙ୍କ ରାଜ୍ୟରୁ । ଆମ ପରି ଲୋକମାନେ ଯେଉଁମାନେ ଦିନରାତି ପାଣି, ଖରା, କାକରରେ ପଡି ଏ ମାଟି ମାଆର କ୍ଷେତରୁ ରକ୍ତ ନିଗାଡ଼ି ସୁନା ଫଳାଉଛନ୍ତି ପରିଶେଷରେ ନିଜ ଉପରୁ ଆସ୍ଥା ହରେଇ ଅଧିକ ଋଣଭାରରୁ ମୁକ୍ତି ପାଇଁ ଆତ୍ମହତ୍ୟାକୁ ହିଁ ବାଛି ନେଉଛନ୍ତି । ଏଇ କ'ଣ ଗରିବ ହଟାଅ ଯୋଜନା ? ଏଇ କ'ଣ ସ୍ୱାଧୀନତା ? ଆଉ ରହିଲା ଇନ୍ଦିରା ଆବାସ ଯୋଜନା । ଯାହା ମନ୍ତ୍ରୀ ମହୋଦୟ କହିଲାବେଳେ ବେଶ୍ କରତାଳିରେ ଫାଟିପଡୁଥିଲା ଏ ପଡିଆଟି । ଆମ ଗାଁରେ ଯେତେ ଲୋକ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା କଥା ସେତିକି ହୋଇ ପାରିନାହାନ୍ତି । କେତେଜଣ ଏହି ଯୋଜନାରେ ସରକାରଙ୍କ ଠାରୁ ଟଙ୍କା ପାଇଛନ୍ତି ? ଅନେକ କୋଠାଘର ଥିବା ଲୋକମାନେ ମଧ ବେଶ୍ ଲାଭଜନକ ହୋଇଛନ୍ତି ଏଇ ଯୋଜନାରେ । ଏଇ କ'ଣ ସ୍ୱାଧୀନତା ? ଗଲା ପାଞ୍ଚ ବର୍ଷ ହେଲଣି ମାଳତୀ ନାନୀ ଭତ୍ତା ପାଇଁ କେତେ ଏଇ ମନ୍ତ୍ରୀଙ୍କ ପାଖରେ କାକୁତିମିନତି ହୋଇ କହିଛି ପ୍ରତ୍ୟେକ ଥର ମନ୍ତ୍ରୀ କହିଛନ୍ତି ତୁମେ ପ୍ରକୃତରେ ପାଇବାର ଯୋଗ୍ୟ କି ନାହିଁ ଏକଥା ମୁଁ କାଗଜପତ୍ର ଦେଖିଲା ପରେ ହେବ । କିନ୍ତୁ ଯାହାର ପୁଅମାନେ ରୋଜଗାରିଆ, କୌଣସି ଅସୁବିଧା

ନାହିଁ ଚଳିବାରେ ସେମାନେ ବି ବାର୍ଦ୍ଧକ୍ୟ ଭ ତ୍ତା ରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ଏଇ କ'ଣ ସ୍ୱାଧୀନତା ? ବିପିଏଲ୍ ତାଲିକାରେ ଅନ୍ତର୍ଭୁକ୍ତ ପାଇଁ ମୁଁ କେତେ କାକୁତି ମିନତି ନ ହୋଇଛି ଏ ମନ୍ତ୍ରୀଙ୍କ ପାଖରେ, କିନ୍ତୁ ଆଜିଯାଏ ମଧ୍ୟ ହୋଇପାରିନାହିଁ । ଏଇ କ'ଣ ଗରିବ ହଟାଓ ଯୋଜନା ? ଏମିତି ସ୍ୱାଧୀନତା ଶବ୍ଦଟା ଗୁରେଇତୁରେଇ ହୋଇ ତା' ମୁଣ୍ଡଟାକୁ ଖାଇଯାଉଥିଲା ସେଦିନ । ଇଆଡେ ମନ୍ତ୍ରୀଙ୍କ ଭାଷଣ, ସିଆଡେ ଠେଲାପେଲା । ମାଇକିର ଶବ୍ଦଟା ବି ତା'କାନକୁ ଭାରି ଭୀଷଣ ଲାଗୁଥିଲା ତାକୁ । କି ସ୍ୱାଧୀନତାର ଭାଷଣ ଏଠି ଚାଲିଛି ? ଯାହା ପାଇଁ ଏତେ ଆୟୋଜନ ? ଏତେ ଲୋକ ଏ ଭାଷଣକୁ ଶୁଣି ପିଇଗଲା ପରି ଚାହିଁଛନ୍ତି ।

ପଛକୁ ଟିକିଏ ଘୁ ଞ୍ଚିଗଲା ସନିଆ । ତା' ଦେହରେ ବାଜିଲା କାହାର କଅଁଳିଆ ପରସ । ସେ କେହି ନୁହେଁ ତା'ର ସ୍ତ୍ରୀ ଗୁରେଇ । ଏତେବେଳଯାଏ କାମକୁ ନ ଯାଇ ତମେ ଏଇଠି ଏଇ ନିଉଛଣା ଭାଷଣ ଶୁଣୁଛ ? କି ଯାଏ ଆମର ଏ ଭାଷଣରେ । ଭାଷଣରେ କ'ଣ ପେଟ ପୂରେ ? ଏଠି ଭାଷଣ ସବୁ ବାକ୍ୟ ଭିତରେ ରହିଯାଏ । ଗରୀବ ସେମିତି ଗରୀବ ହୋଇ ରହିଥାନ୍ତି । ଖଟିଖିଆ ସେମିତି ଆଜୀବନ ଖଟି ଖାଏ । ଚାଷୀ ସେମିତି ଲହୁଲୁହ ଢ଼ାଳି ସୁନାର କ୍ଷେତକୁ ଉଜୁଡ଼ିଯିବା ଦେଖି ବେକରେ ରସି ଦିଏ । ତଥାପି ଏ ବାବୁମାନେ ବରଷକୁ ଥରେ ଦୁଇଥର ଏମିତି ସଭା ସମିତିରେ ବଡ଼ ବଡ଼ ଭାଷଣମାନ ଦେଇଚାଲନ୍ତି ଓ ଲୋକମାନେ ଭୋକ ଉପାସରେ ପେଟରେ ଓଦାକନା ଲଦି ମଧ୍ୟ ଏ ଭାଷଣ ଶୁଣି ତାଳିମାରନ୍ତି । ସେଦିନ ଯେଉଁ ସ୍ୱାଧୀନତା ପାଇଁ ଆମ ଦେଶର ମହାପୁରୁଷମାନେ ସ୍ୱପ୍ନ ଦେଖିଥିଲେ ଏଇଟା ସେଇଆ ନୁହେଁ । ଆମ ପାଇଁ ଏଠି କିଛି ବି ସ୍ୱାଧୀନ ନୁହେଁ । ଏଠି ଗରିବ ଆମେ ନିଜେ ସ୍ୱାଧିନ ଭାବେ ବ ଞ୍ଚିବାର ପ୍ରୟାସ କରୁଛୁ । ଅଳ୍ପ ପଇସା ହେଲେ ବି ଆମ ମନରେ କୌଣସି କଳୁଷତା ନାହିଁ । ଆମ ଭିତରେ ନା ଅଛି ଭିନ୍ନତା ନା ଅଛି ଭଲପାଇବାରେ ଆବିଳତା । ଏଠି ବଡ଼ବଡ଼ିଆମାନେ ପ୍ରେମ ନାମରେ ସ୍ତ୍ରୀକୁ ମଧ୍ୟ ଠକି ଚାଲନ୍ତି, ପଇସା ପାଇଁ ନିଜ ଲୋକର ମନରେ ବିଷ ଭରି କଷ୍ଟ ଦିଅନ୍ତି କିନ୍ତୁ ଆମ ଭଲପାଇବାରେ କେବେ ଆବିଳତା ନାହିଁ କି ଆମ ସମ୍ପର୍କରେ କେବେ ବାଧକ ନାହିଁ । ଭିଡ଼ ଭିତରେ ସନିଆ ପାଖକୁ ଆଉଜିଗଲା ଗୁରେଇ । ଟାଣିନେଲା ସନିଆକୁ କିଚିରି ମିଚିରି ହୋହଲ୍ଲା ଶବ୍ଦ ଭିତରୁ । ବାହାରି ଆସିଲେ ସେମାନେ ଭିଡ଼ ଭିତରୁ । କେବଳ ସ୍ୱାଧୀନ ଭାବେ ଆଗକୁ ଚାଲୁଥିଲେ କ୍ଷେତକୁ ଯିବା ପାଇଁ ନା ମନରେ କିଛି କଷ୍ଟ ନା ଦୁଃଖ । ସ୍ୱାଧୀନ ଭାବେ ସେ ଜାଣିଛନ୍ତି ହାତରେ ଥିବା ଦାଆ ଓ କାଖରେ ପଖାଳ କଂସାକୁ । ମାଟି ଉପରେ ପାଦ ଦୁଇଟା ତରତର ଥିଲା ଓ ମୁଣ୍ଡ ଉପରେ ଆକାଶଟା ଯେମିତି ମାପୁଥିଲା ଏମାନଙ୍କର ସରଳତା ଓ ଭଲ ପାଇବାର ସ୍ୱାଧୀନତାକୁ.... ।

ପିଲିଗ୍ରିମ୍ ରୋଡ଼, କଲେଜ ଛକ, କଟକ

୦୦୦

# ଭୋକ

**କୁନଲତା ତ୍ରିପାଠୀ**

ଭାରି ଭୋକ । ପେଟ ଚାଖଣ୍ଡକ ପାଇଁ କେତେ ତହଳ ବିକଳ ସତରେ । ଅନାଥର ଭୋକ ସହିତ ପରିଚୟ ତା ପିଲାଦିନରୁ । ସରକାରୀ ସ୍ତରରେ କେତେ ଯୋଜନା । ଗରିବ ହଟାଅ ପାଇଁ କେତେ ସ୍ଲୋଗାନ । ଏ ସରକାର କୁଆଡେ ଗରିବର, ବୁଝି ପାରେନା ଅନାଥ । ସେ ଭାବି ପାରେନା କେଉଁ ସରକାର କି ଯୋଜନା କରିଛନ୍ତି ତା ପାଇଁ । ମିଳୁଥିବା ସୁଯୋଗମାନଙ୍କରୁ କି ସୁବିଧା ଉଠାଇବ ବା ସେ ? ଅଥଚ ନିଜ ପେଟ ଚାଖଣ୍ଡକ ତା ପାଇଁ ମୂଲ୍ୟବାନ । ପେଟ ପୁରିଗଲେ ସବୁ ସମ୍ପତ୍ତି ପାଇଯାଏ ଯେମିତି ସେ । ମାତ୍ର ତା ଭୋକିଲା ପେଟ କେବେ ପୂରା ହୁଏନା । ପେଟକୁ ଭଲକରି ମୁଠାଏ ଖାଇବା ପାଇଁ ଗାଁ ଛାଡ଼ି ସେ ଧାଇଁ ଆସିଥିଲା ସୁଦୂର କଟକ ସହରକୁ କାମ ଖଣ୍ଡେ ପାଇଁ । ଅଥଚ ଝୁମ୍ପୁଡ଼ି ଘର ଖଣ୍ଡକରେ ମୁଣ୍ଡ ଗୁଞ୍ଜିବ ବୋଲି, କେତେ ଯେ ଗୁଣ୍ଡା ଗରଦୀଙ୍କୁ ସାମ୍ନା କରିବାକୁ ପଡ଼ିବ ଜାଣି ନଥିଲା ସେ । ଏଠି ଧନ ସମ୍ପତ୍ତି ଅଛି, ଟଙ୍କା ପଇସା ଅଛି । ଭୋକ, ଶୋଷବି ସେମିତି ଅଛି । ଏ ଭୋକ ପେଟର ନୁହେଁ ମନର, ଦେହର, ଏଠି ପେଟର ଭୋକ ପୁରିଲେ ବି ମନର ଭୋକ ବଢ଼ି ଚାଲେ । ଅସରନ୍ତି ଏ ଭୋକ, ସାମ୍ନା କରି ପାରିବେନି ଅନାଥ । ସହରରୁ ଢେର ଦୂରରେ ସରକାରୀ ଜାଗା ଖଣ୍ଡକରେ ଝୁମ୍ପୁଡ଼ି ଘରଟିଏ କରି ମୁଣ୍ଡ ଗୁଞ୍ଜିବାକୁ ପଡ଼ିବ ତାକୁ, ଅନ୍ଧାରକୁ ସାଥୀ କରି । ପିଲାଟି ଦିନରୁ ବାପା କଅଣ କେମିତି ଜାଣି ନଥିଲା ଅନାଥ, 'ମାଆ' ବୋଲି ଯାହାର ମୁହଁ ଆଜି ତା ଆଖି ସାମ୍ନାରେ ଝାପ୍‌ସା ହୋଇ ନାଚିଯାଏ । ତା'କଥା ଭାବି ପାରେନା ଅନାଥ, ଦୁଃଖକୁ ସାଥୀ କରିଥିବା ମାଆ ତା'ର ଶତ ଚେଷ୍ଟାକରି କଅଣ ତା ଜୀବନ ଆକାଶରୁ ଅନ୍ଧାରକୁ ଦୂରାଇ ଦେଇ ସୁଖର ଆଲୋକରେ ବଞ୍ଚି ପାରିବା, ସେଇ ନଡ଼ା ଛପର ଝାଟିମାଟି ଘରର ଅନ୍ଧାରର ରାଜତ୍ୱରୁ ନିଜକୁ ମୁକ୍ତ କରି ପାରିଲା ? ଚେଷ୍ଟା କରିଥିଲା ମାଆ ତା'ର ମହମବତୀ ଜାଳି, ଲଣ୍ଠନ ଲଗାଇ ପୁଅର ପାଠପଢ଼ା ପାଇଁ ତ୍ୟାରି କରିଛି । ବାପା-ମାଆ ଉଭୟ ହୋଇ ସ୍ନେହ ଆଶୀଶ ଅଜାଡ଼ି ଦେବାକୁ ପ୍ରୟାସ କରିଛି । ମାତ୍ର ତା ଭୋକିଲା ପେଟର ଦାଉରେ ସବୁ ଫିକା ହୋଇ ଯାଇଛି । ଅନ୍ୟ କାହାର ଦେହର ଭୋକକୁ ମେଣ୍ଟାଇବା ପାଇଁ ତାକୁ ଶରବ୍ୟ ହେବାକୁ ପଡ଼ିଛି ତା' ଇଚ୍ଛା ବିରୁଦ୍ଧରେ ।

ପିଲାର ମୁହଁକୁ ଚାହିଁ ପାରୁନି ସେଇ ନିରିମାଖି ମାଆ । ଦିନ ସରିଯିବ, ଆସିଯିବ ପୁଣି ରାତି । ସେଇ ଅନ୍ଧାର ଭିତରେ ତାକୁ ଶବ ପାଲଟି ଯିବାକୁ ହେବ । କୁକୁର ବିଲୁଆ ସାଜି ଝାମ୍ପି ପଡ଼ିବେ ସେମାନେ ତା ଉପରକୁ । ନା ନା ଏମିତି ଆଉ ହବାକୁ ଦବନି ସେ । ପ୍ରତିଦିନ ମରିମରି ବଞ୍ଚିବା ଅପେକ୍ଷା ବରଂ......

କୁଆର କାଆ ଡାକ ବେଳକୁ ଲୋକ ମାନଙ୍କ ଭିଡ଼ ଲାଗି ଗଲାଣି, ମାଆର ଦେହଟା ଗଛ ଡାଳରେ ଝୁଲୁଛି । ଅବୁଝା ପଣରେ ମାଆର ପାଦ ଦୁଇଟା

ଧରିବାକୁ ଚେଷ୍ଟା କରୁଛି ପିଲା "ଅନାଥ" ଆଗ-ପଛ ହୋଇ ଦୋଳି ଖେଳୁଛି ଯେମିତି ମାଆର ପାଦ । ଛୁଇଁ ପରୁନି ସେ, ଥର ଥର ପାଦରେ ପାଦରେ ପଡ଼ି ଯାଉଛି - ପୁଣି ଚେଷ୍ଟା ତା'ର ଜାରି ରହିଛି । ମୁହଁ ଫାଟି ରକ୍ତ ବାହାରିଲାଣି, ମାଆ ମାଆ ବୋଲି ଭଙ୍ଗା ଭଙ୍ଗା କଣ୍ଠରେ ପୁଣି ଚିତ୍କାର କରୁଛି ସେ । ତ ଣ୍ଟି ପାଟି ଶୁଖି ଅଠା ହୋଇ ଗଲାଣି । ଆଉ କିଛି ମନେ ପକାଇ ପାରେନି ଅନାଥ । ସେବେଠୁ ମାଆ ତା'ର ସପନ ହୋଇ ଗଲାଣି ।

ମାଆ କଥା ମନେ ପଡ଼ିଲେ ଶୋଇ ପରେନି ଅନାଥ । ଆଜି ମାଆ କଥା ଭାରି ମନେ ପଡୁଛି ତାର । ଭୁଲି ଯିବାକୁ ଯେତେ ଚେଷ୍ଟା କରୁଛି, ପାରୁନି ସେ । ରାତିରେ ଟିକେ ଶୋଇ ପଡିଲେ ସିନା ସକାଳୁ ସକାଳୁ କାମକୁ ବାହାରି ଯିବ ସେ । ସହରରେ ପହ ଞ୍ଚିବାକୁ ଅନେକ ରାସ୍ତା ଚାଲିବାକୁ ପଡେ ତାକୁ । ଯାହାହେଉ ପାହାନ୍ତି ପହରକୁ ନିଘୋଡ଼ ନିଦରେ ଶୋଇଯାଇଛି ସେ-

ବେତ ମାଡ଼ରେ ଚମକି ଉଠି ପଡ଼ିଲା ଅନାଥ । ପୋଲିସ୍ ଓ ଲୋକମାନେ ଘେରି ରହିଛନ୍ତି ତାକୁ, ବୁଝି ପାରୁନି ଅନାଥ - ତା'ର ଦୋଷ କଅଣ ? ଅବୁଝା ପଣରେ ଡବ ଡବ ହୋଇ ଚାହିଁ ରହିଛି ସେ ? ସେମିତି-

କଅଣ କିଛି ବୁଝି ପାରୁନୁ ? ପଚାରୁଛି ପୋଲିସ୍, କିଏ ଜଣେ ଇଙ୍ଗିତ କରି କହୁଛି - "ଅଜଣା ଚାଉଳର ଭାତ ଖାଉଛି ତ ?

ଓଃ ଓଃ - ସେ କୁଆଡ଼େ ଧର୍ଷଣ କରି ସ୍ତ୍ରୀ ଲୋକଟିକୁ ହତ୍ୟା କରିଛି । ଆଉ ଆତ୍ମ ହତ୍ୟାର ରୂପ ଦେବା ପାଇଁ ଝୁଲାଇ ଦେଇଛି ଗଛ ଡାଳରେ ।

ସ୍ତ୍ରୀ ଲୋକଟିକୁ ଚାହିଁ ରହିଛି ଅନାଥ, ଗଛ ଡାଳରେ ଝୁଲି ରହିଛି ସେ, ଠିକ୍ ଦିନେ ତା ମାଆ ପରି । ଏ ମୁହଁକୁ ସେ ମୁହଁ ସହିତ ତୁଳନା କରୁଛି । ତଫାତ ରହିଲା କେଉଁଠି ? ସେ ଦିନ ଏ ଦିନ ଭିତରେ ଫରକ ଖୋଜି ବସୁଛି ସେ । ସେଦିନ ଆଉ ଏ ଦିନର ଭୋକ ପରି । ଏବେ ସିନା ପାଞ୍ଚ ଟଙ୍କାରେ ପେଟେ ଖାଇ ବେଳେ ବେଳେ ସେ ତା ଭୋକ ମେ ଣ୍ଟାଇ ପାରୁଛି । ହେଲେ ସେଦିନର ସେମାନେ ଆଉ ଏ ଦିନର ଏମାନେ ଲକ୍ଷ ଲକ୍ଷ ଆଉ କୋରଡ଼ କୋରଡ଼ପତି ହେବାର ଭୋକରେ ଆକ୍ରାନ୍ତ । ଦେହର ଭୋକରେ ସେମାନଙ୍କ ଭଳି ଏମାନେ ବି ଭୋକିଲା । ଦେହ ଭୋକ, ଧନ ଭୋକ ଓ ମନ ଭୋକ ମେ ଣ୍ଟାଇବାକୁ ସେମାନେ ଅନ୍ୟ ଉପରେ ଦୋଶ ଲଦି, ମଇଳା ଫିଙ୍ଗି ନିଜକୁ ସଫା ସୁତୁରା ଦେଖାନ୍ତି । ଏଣୁଅ ପରି ଏମାନେ ରଙ୍ଗ ବଦଳାଇ ପାରନ୍ତି, ଏମାନଙ୍କୁ ଚିହ୍ନିବା କଠିକର ପାଠ । ଚିହ୍ନା ପଡି ଯାଉଥିଲେ ବି ଏମାନଙ୍କୁ ଯିଏ ଚିହ୍ନେଇବାକୁ ଆଗକୁ ଆସିବା କଥା ନା ସେମାନଙ୍କ ପାଖରେ ତାକତ ଥାଏ, ନା ସାହସ ।

ହାତରେ ହାତକଡ଼ି ପଡ଼ିଲା...

ଅନାଥ ଚିତ୍କାର କରି ଉଠିଲା ....

ଭୋକ....... ଭୋକ......!

ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ,

କଟକ-୧

୦୦୦୦୦

# ଭଙ୍ଗା ସ୍ୱପ୍ନ ର ସ୍ୱର

ଶାସ୍ୱତୀ ସାମଲ

ଡାକ୍ତରଖାନା ବେଡ୍ ଉପରେ ଶୋଇ ଚକରା ତାର ଅତୀତକୁ ମନେ ପକାଉଥାଏ ସବୁ ଦୃଶ୍ୟ ଆଜିବି ଚଳଚିତ୍ର ପରି ତା ଆଖି ଆଗରେ ନାଚି ଯାଉଥାଏ, ସୁଦୂର ପଶ୍ଚିମବଙ୍ଗଳାରେ ତାର ଘର । ଗାଁଆର ନା ସୁଜନପୁର କଲକତାରୁ ତିନିଶହ କିଲୋମିଟର ଦୂର । ବଙ୍ଗଲାଦେଶ ସୀମାନ୍ତକୁ ଲାଗିଛି, କହିବାକୁ ଗଲେ ପ୍ରକୃତ ରେ ସେମାନେ ଶରଣାର୍ଥୀ ତା ପୂର୍ବପୁରୁଷ ବିଭାଜନ ସମୟରେ ନିଜ ଦେଶ ଛାଡ଼ି ଭାରତ ପଳାଇ ଆସିଥିଲେ । ସେହି ଦିନଠାରୁ ଏ ଦେଶ ତାଙ୍କର ଜନ୍ମଭୂମି, ବେଳେବେଳେ ସ୍ଥାନୀୟ ବାସିନ୍ଦାଙ୍କ ସହ ଏ ନେଇ ଛୋଟମୋଟ ଗଣ୍ଡଗୋଳ ଲାଗିରହିଥାଏ ମାତ୍ର ଭାରତ ଛାଡ଼ି ନିଜ ଦେକୁ ଫେରିଯିବା କଥା କେବେ କଳ୍ପନା କରିହୁଏନି । ପୈତୃକସମ୍ପତ୍ତି ବୋଲି ଝାଟିମାଟିର ଦୁଇବଖରା ଘର ଓ ଦୁଇ ଗୁଣ୍ଠ ଜମି । ସେ ବି ଗତ ବନ୍ୟାରେ ଧୋଇ ହୋଇଗଲା । ମା, ସ୍ତ୍ରୀ-ସାବି, ପୁଅ-କାଳିଅ ତାକୁ ମିଶେଇ ଘରେ ଖାଇବାକୁ ଚାରିପ୍ରାଣୀ । ଘରେ ଖାଇବାକୁ ଅର୍ଣ୍ଣ ଦାନାଟିଏ ଭି ନାହିଁ, ଗାଁ ରେ ପ୍ରାୟ ସମସ୍ତଙ୍କର ସମ ଅବସ୍ଥା କେବଳ ଯେଉଁମାନେ ସୁଦୂର ସହରକୁ ଆସି କାମଧନ୍ଦା କରୁଛନ୍ତି ସେମାନଙ୍କ ପରିବାର ଦୁଇ ଓଳି ଖାଇବାକୁ ପାଉଛନ୍ତି, ଆଉ କେତେ ଉପାସରେ ଦିନ କାଟି ଥାଆନ୍ତେ ସେଥିପାଇଁ ଯେତେବେଳେ ଠିକାଦାର ବାବୁ ରାଜଧାନୀ ଦିଲ୍ଲୀରେ ରାସ୍ତା କାମ ପାଇ ଲୋକଦରକାର କହିଲେ ସେ ତୁରନ୍ତ ରାଜି ହୋଇଗଲା । ସେତିକି କଷ୍ଟ ନହେଲେ କିଏ କେବେ ନିଜ ଭିଟା ମାଟିକୁ ଛାଡେ । ଏଇ ପେଟ ଚାଖଣ୍ଡେ ପାଇଁ ମଣିଷ କ'ଣ ନ କରେ, କିନ୍ତୁ ସାବି ସେ କ'ଣ ସହଜରେ ରାଜିହେବ ?

"ମଦନା ଭାଇକୁ ଦେଖ ବର୍ଷେ ହେଲାଣି ସେ ଭାଉଜକୁ ସାଙ୍ଗରେ ନେଇ ଦିଲ୍ଲୀ ଗଲାଣି ଏ ବର୍ଷ ଗାଁରେ ଘର ତୋଳେଇଲାଣି, ଚାଲ ଆମେବି ଯିବା" । ଏମିତି କେତେ ଜଣଙ୍କ ଉଦାହରଣ ଦେଇ ସାବିକୁ ବହୁତ କଷ୍ଟରେ ରାଜି କଲା । ସେଥିରେ ବି ଗୋଟେ ଅଡୁଆ, ଛୁଆପିଲାକୁ ତମେ ସାଙ୍ଗରେ ନେଇ ପାରିବ ନାହିଁ । ଆଜି ଭଳି ଲାଗୁଛି ଘର ଛାଡ଼ିବା ବେଳେ କାଳିଆକୁ ଛାତିରେ ଚାପି ଧରି ସାବି କେତେ କାନ୍ଦିଥିଲା କ'ଣ କରିବ ମା ମନତ ଯେତେ ବୁଝେଇଲେ କ'ଣ ବୁଝୁଛି, କିନ୍ତୁ ଦୁଇ ଜଣ ମିଶି କାମକଲେ ଅଧିକା ପଇସା ପାଇବେ । "ତୁ କାନ୍ଦନା ଲୋ ପିଲା ଆମର ତା ଜେଜେ ମା' ପାଖରେ ଭଲରେ ରହିବ, ଆମେ ସେ ଅଜଣା ସହରେ କା ପାଖରେ ତାକୁ ଛାଡ଼ି କାମ କରିଥାନ୍ତେ, ଦୁଇ ପ୍ରାଣୀ ଯାହା ବି ରୋଜଗାର କରିବା ତା ଭବିଷ୍ୟତ ପାଇଁ, ତ ମନ ଊଣା କରନା, "ଧିରେଧିରେ ସାବି ବି ବାସ୍ତବିକତା କୁ ଗ୍ରହଣ କରିନେଲା ।"

ସତକୁସତ କିଛିମାସ ଭିତରେ ହାତକୁ ଦୁଇ ପଇସା ଆସିଲା, ମନେମନେ ଭାବିଥିଲା ଆଉ କିଛି ସ ଞ୍ଚ ୟ ହେଲେ ଝାଟିମାଟି ର ଘର କୁ ଟିକେ ବାଗେଇ

ଦେବ, ଗଲା ମୌସୁମୀରେ ଅଧା ଭୁଶୁଡ଼ି ପଡ଼ିଥିଲା, କିନ୍ତୁ ଏ କ'ଣ ହେଲା ତାର ସବୁ ସ୍ୱପ୍ନ ମାଟିରେ ମିଶିଗଲା । ଦିଲ୍ଲୀ ଆସିବାର କିଛିଦିନ ପରେ ସାବିର ପେଟରୋଗ ବାହାରିଲା, ବେଳେବେଳେ ବିଚାରି ଟା ଅସହ୍ୟ ଯନ୍ତ୍ରଣା ସହି ନପାରି ମାଲୋ ବାପାଲୋ କହି ଭୁଇଁରେ ଗଡ଼ିଯାଏ, ସମସ୍ତେ କହିବାରୁ କିଛି ଦିନ ତଳେ ତାକୁ ନେଇ ସରକାରୀ ଡାକ୍ତରଖାନା ଯାଇଥିଲି । ଡାକ୍ତର କେତେ ପ୍ରକାର ପରୀକ୍ଷାନିରୀକ୍ଷା କରି କହିଲେ ତା ପେଟ ଭିତରେ ଘା ହେଇଯାଇଛି, ଅପରେସନ୍ କଲେ ଠିକ୍ ହୋଇଯିବ, ସେଥିପାଇଁ ଦୁଇ ଲକ୍ଷ ଟଙ୍କା ଦରକାର, ଏତେଗୁଡ଼େ ଟଙ୍କା ସେ କେଉଁଠୁ ଆଣିବ ।

ସବୁଦିନ ସନ୍ଧ୍ୟାବେଳେ କାମ ରୁ ଫେରି ମଙ୍ଗୁଭାଇ ଚା ଦୋକାନକୁ ଚା ପିଇବାକୁ ଯାଏ, ଚା ପିଇବା ଗୋଟେ ବାହାନା ପ୍ରକୃତରେ ସେଠି ବସି ଚା ପିଇବାକୁ ଆସୁଥିବା ବାବୁମାନେ ସବୁଦିନ ବିଭିନ୍ନ ବିଷୟରେ କଥାହୁଅନ୍ତି । ସେ ଏ ଚର୍ଚ୍ଚାରୁ କିଛି ବୁଝୁ ନ ବୁଝୁ ସାରାଦିନ ଖଟଣି ଓ ଦୁଃଖକୁ ସେ କିଛି ସମୟ ପାଇ ଭୁଲିଯାଏ । ସେ ଦିନ ବାବୁମାନେ କିଏ ଜଣେ ନାମଜାଦା ଗାୟକଙ୍କ ବିଷୟରେ କଥା ହେଉଥିଲେ, ପ୍ରତିଦିନ ସକାଳୁ ମସ୍‌ଜିଦ୍‌ର ଅଜାନ୍ ଶୁଣି ସେ ଗାୟକବାବୁ ଙ୍କ ନିଦ ରେ ବ୍ୟାଘାତ ହେଉଥିବାରୁ ସେ କୋଉଠି କିଛି ଗୋଟେ ଲେଖିଦେଇଛନ୍ତି ତାକୁ ନେଇ ପାଲା ଚାଲିଛି । ସେ ବି ଯେଉଁ ଫୁଟ୍‌ପାଥରେ ରହେ ତାକୁ ଲାଗି କରି ମସଜିଦ୍, ମନ୍ଦିର ଓ ଗୁରୁଦ୍ୱାର ଅଛି, କାହିଁ ତା ନିଦ ତ କେବେ ଭାଙ୍ଗେନି । ତା ପରି ଗରିବ ଯିଏ ପେଟପୁରା ଖାଇବାକୁ ପାଏନି ଏବଂ ଦିଲ୍ଲୀର ହାଡ଼ଭଙ୍ଗା ଶୀତରେ ଫୁଟ୍‌ପାଥରେ ଆଶ୍ରୟ ନିଏ ତାର ପୁଣି ଶୁଖନିଦ୍ରା......

ତା ପାଇଁ ମସ୍‌ଜିଦ୍ ରୁ ଆସୁଥିବା ନମାଜ, ମନ୍ଦିରରୁ ଆସୁଥିବା ପ୍ରାର୍ଥନା ଓ ଗୁରୁଦ୍ୱାରରୁ ଆସୁଥିବା ଗୁରବାଣୀର ସ୍ୱର ସବୁ ସମାନ । ତାକୁ କେବଳ ଏତିକି ଜଣାଥାଏ ଏହି ଧର୍ମସ୍ଥଳି ମାନଙ୍କରେ ଭଲ ଦିନରେ କେହି




R. S. TUTORIALS

SURYALOKA LANE, CHANDI CHHAK, CUTTACK

*Admission Open !* *Admission Open !*

A Complete Coaching for

+2 Arts & Commerce
+3 Arts (Hons, Elective, Pass)

Special Coaching for : Spoken English
And also M. A. Entrance, (Pol. Science)

Contact : 9861462581, 9861816123

କେହି ଶ୍ରଦ୍ଧାଳୁ ଛତ୍ର ଖୋଲି ଖାଇବାକୁ ଦିଅନ୍ତି । ସେଦିନ ସାମୀସ୍ତ୍ରୀ ପେଟଭରି ଖାଇବାକୁ ପାଆନ୍ତି, କିନ୍ତୁ ବିଚରା କ'ଣ ଏମିତି କହିଦେଲା ଯେ , କେତେ ଜଣ ତାକୁ ଜୀବନରୁ ମାରି ଦେବାକୁ ଧମକ ଦେଇ ସାରିଲେଣି । ଆଉ ପୁଣି ବାବୁ କହୁଥିଲେ କେହି ଜଣେ ଧର୍ମଗୁରୁ ଗାୟକ କୁ ନଣ୍ଡା କରି ଚପଲମାଳ ଯିଏ ପିନ୍ଧେଇ ପାରିବ ତା ପାଇ ଦଶଲକ୍ଷ ଟଙ୍କାର ପୁରସ୍କାର ବି ଘୋଷଣା କରିସାରିଲେଣି । ସତରେ କ'ଣ ଏତେ ଟଙ୍କା କିଏ ଏମିତି ଦେଇଦେବ, ଅନ୍ୟମାନଙ୍କ କଥା ସେ କହିପାରିବନି କିନ୍ତୁ ତାକୁ ଯଦି କିଏ ପାଞ୍ଚ ଲକ୍ଷ ବି ଦିଅନ୍ତା ସେ ଥରେ ନୁହଁ ପାଞ୍ଚ ଥର ନଣ୍ଡା ଓ ଦଶଥର ଚପଲମାଳ ପିନ୍ଧି ସାରନ୍ତାଣି, ଛାଡ ସେ କଥା ତା ପରି ଗରିବ, ନିଃସହାୟ ମଣିଷ ଙ୍କ ପ୍ରତି ଭଗବାନ୍ କର ଏ କି ବିଚାର ।

ସେ ଦିନ ରାତି ରେ ନିଜ ଦୁଃଖ, ଅସହାୟତ କଥା ଭାବୁଭାବୁ କେତେବେଳେ ଆଖିକୁ ନିଦ ଆସିଯାଇଛି ଜାଣେନି, ହଠାତ୍ ଏକ ପ୍ରଚଣ୍ଡ ଶବ୍ଦରେ ତା ନିଦ ଭାଙ୍ଗିଗଲା କ'ଣ ହେଇଛି କିଛି ଜାଣିବା ଆଗରୁ ତା ଶରୀରର କିଛି ଅଂଶ ଉପରେ ଗୋଟେ ଭାରି ବସ୍ତୁ ମାଡ଼ିଗଲା ପରି ଲାଗିଲା, ଯନ୍ତ୍ରଣାରେ ଛଟ୍‌ପଟ ହୋଇ ଦେଖେତ ଏକ ଦାମୀ ଗାଡ଼ିର ଚକା ତଳେ ତା ଗୋଡ ଦୁଇଟି ଫସି ଯାଇଛି, ଗାଡ଼ିରୁ ବାହାରି କେହି ଜଣେ ଦୌଡ଼ି ପଳେଇ ଯାଉଛି, ଏହାପରେ ତାର କିଛି ମନେନାହିଁ । ଚେତା ଫେରିଲା ବେଳକୁ ସେ ଡାକ୍ତରଖାନାରେ ଆଉ ସାବି ଜୋର୍‌ରେ ମୁଣ୍ଡ ପିଟି କାନ୍ଦୁଛି "ଆଲୋ କାହିଁକି କାନ୍ଦୁଛୁ, କ'ଣ ହେଇଛି, ଏ କ'ଣ ମୋ ଗୋଡ଼ ଦୁଇଟା କୁଆଡେ ଗଲା" ସେ ଏବେ ଜାଣି ପାରୁଥିଲା ସାବି କାହିଁକି କାନ୍ଦୁଥିଲା, କାଲିର ଦୁର୍ଘଟଣାରେ ପ୍ରାଣଟା ସିନା ବଞ୍ଚିଗଲା ସାରା ଜୀବନ ପାଇଁ ସେ ଅର୍କମଣ୍ୟ ହୋଇଗଲା, ଏବେ ସେ କ'ଣ କରିବ, ତା' ସଂସାରକୁ କିଏ ଚଳେଇବ, ପ୍ରଭୁ ଏଇଟା କ'ଣ ତମ ନ୍ୟାୟ ?

ଏତିକି ବେଳେ ଜଣେ ଭଦ୍ରବ୍ୟକ୍ତି ଆସି ସାବିକୁ କ'ଣ କହିଲେ, ସେ ପାଖକୁ ଆସି ଧିରେ ତା କାନରେ କହିଲା ବାବୁ ଜଣଙ୍କ ତା ସହିତ ଏକୁଟିଆ କ'ଣ କଥା ହେବାକୁ ଚାହୁଁଛନ୍ତି, ମନେମନେ ଭାବୁଥାଏ ଏ ପୁଣି କିଏ, ତା ସହିତ କ'ଣ କଥା ହେବେ, ବାବୁ ଜଣଙ୍କ ତାଙ୍କ ପରିଚୟ ଦବାରୁ ସେ ଜାଣିପାରିଲା କାଲି ରାତି ଯେଉଁ ଗାଡ଼ି ଧକ୍କାରେ ତା'ର ଏ ଅବସ୍ଥା ତାକୁ ଏକ ସତର ବର୍ଷର ନାବାଳକ ପିଲାଟି ଚଳାଉଥିଲା, ଧନୀ ବ୍ୟବସାୟୀର ଏକମାତ୍ର ପୁଅ, ବ୍ୟକ୍ତି ଜଣଙ୍କ ତାଙ୍କ ଓକିଲ । "ଦେଖ ଯା ହେବାର ଥିଲା ହୋଇଗଲାଣି ଯେତେଯାହା କଲେ କଣ ତମ ଗୋଡ଼ ଭଲ ହୋଇଯିବ, ଯଦି ତମେ ପୋଲିସକୁ ସତ କହିଦେବ ପିଲାଟିର ଜୀବନ ଧ୍ୱଂସ ହେଇଯିବ । ମୋ କଥା ମାନ ନିଜ ନିଜ ଭିତରେ କିଛି ଗୋଟେ ବୁଝାମଣା କରିଦେବା, ଅଯଥା କେସ୍ କରି କିଛି ଲାଭ ହେବନି, ବରଂ ତମେ ଯେତେ ଟଙ୍କା ମାଗିବ ଆମେ ଦେବୁ ତା ବଦଳରେ ତମେ ପୋଲିସ ଆଗରେ ମିଛ ବ୍ୟାଖ୍ୟା ଦେବ, ହଠାତ୍ ଅଜାଣତରେ ତା ପାଟିରୁ ବାହାରି ଆସିଲା, ଦସ ଲକ୍ଷ ଦେବେ" । ମକରା ଭାବୁଥାଏ କ'ଣ ପଇସା ଅଛି ବୋଲି ଗରିବ ମଣିଷର ଜୀବନର ମୂଲ୍ୟ ଏମାନଙ୍କ ପାଖରେ

କିଛି ନାହିଁ, ପୁତ୍ର ପ୍ରେମର ଅନ୍ଧ ହୋଇ ତାକୁ ଏତେ ମାତ୍ରାରେ ଉଦ୍ଧତ କରିଦେଇଛନ୍ତି ଯେ ସେ ତା ଭୁଲ୍ ପାଇ ପଶ୍ଚାତାପ ବି କରୁନି, କିନ୍ତୁ ସେ କ'ଣ କରିବ ଓକିଲ ବାବୁଙ୍କ କଥା ମାନିନେବ ନା ସତ କହିବ" ।


ଇନ୍ ସ୍ପେକ୍ଟର୍ ବାବୁ ପଚାରୁଛନ୍ତି "ତମ ଦୁର୍ଘଟଣା କେମିତି ହେଲା, ସେତେବେଳେ କିଏ ଗାଡ଼ି ଚଳାଉଥିଲା, ଏମିତି ଅନେକ ପ୍ରଶ୍ନ ?

"ନାହିଁ ହଜୁର୍ ଗାଡ଼ିବାଲାର ଏଥିରେ କିଛି ଭୁଲ୍ ନାହିଁ, ମୁଁ କାଲି ରାତିରେ ଟିକେ ଅଧିକା ପିଇ ଦେଇଥିଲି ତ ନିଶରେ ଜାଣି ପାରିଲିନି, ସେ ବାବୁଙ୍କ ଗାଡ଼ି ଆଗକୁ ଚାଲି ଆସିଥିଲି, "ସାବି କିଛି ନକହିଲେ ବି ତା ଅଶ୍ରୁପୂର୍ଣ୍ଣ ଆଖିରେ ଅନେକ ପ୍ରଶ୍ନବାଚୀ, ଯେଉଁ ବ୍ୟକ୍ତି କେବେ ତା ଜୀବନରେ ବୋତଲକୁ ହାତବି ଲଗେଇନି ସେ ପୁଣି କାଲି ରାତିରେ..."

ବୁଝିଲୁ ସାବି ଭାବୁଥିଲି ଈଶ୍ୱରଙ୍କର ଏ ହତଭାଗ୍ୟ ପ୍ରତି ଏକି ଅବିଚାର ? ଏହା କ'ଣ ମୋର ପୂର୍ବଜନ୍ମର କୃତକର୍ମର ପ୍ରାରବ୍ଧ, କିନ୍ତୁ ଏବେ ଉପଲବ୍ଧି କରୁଛି, ଈଶ୍ୱର ଯାହା କହିଛନ୍ତି ଆମ ମଙ୍ଗଳ ପାଇଁ, ଆମର ସବୁ ସମସ୍ୟାର ସମାଧାନ ହୋଇଯିବ ତା ପାଇଁ ଯଦି ମୋତେ କିଛି ବଳିଦାନ ଦବାକୁ ପଡ଼ିଲା ସେଥିପାଇଁ ମୋର ଦୁଃଖ ନାହିଁ, ଚାଲ ଏବେ ଆମ ଘରକୁ ଫେରିଯିବା, ନୂଆ ସକାଳ ଆମ ଅପେକ୍ଷାରେ ଅନ୍ଧାର କାଟିବାକୁ ତ ସମୟ ଲାଗିବ କିନ୍ତୁ ଏ ଆକାଶର ଉଦିତ ସୂର୍ଯ୍ୟ ଆମକୁ ଆଗକୁ ବଢ଼ିବାକୁ ଶକ୍ତି ଓ ସାହସ ଦେଉଛି....।


ଫ୍ଲାଟ୍-୫୯୩, ସେକ୍ଟର-ଇ, ପକେଟ୍-୨,
ବସନ୍ତ କୁଞ୍ଜ, ନିଉ ଦିଲ୍ଲୀ-୧୧୦୦୭୦
ମୋ - ୯୯୭୧୬୯୯୯୧୧


୦୦୦୦

# ସ୍ୱାମୀହନ୍ତା

ବିଜୟ କୁମାର ସାହୁ

ମୋତେ ଜେଲ୍‌କୁ ପଠାଇ ଦିଅନ୍ତୁ– ଆଜ୍ଞା ! ମୁଁ ମୋ ସ୍ୱାମୀଙ୍କୁ ମାରିଦେଇଛି । ତାଙ୍କୁ ବିଷ ଦେଇ ମୁଁ ମାରିଛି ମ୍ୟାଡାମ୍ ! ମୋ ସ୍ୱାମୀଙ୍କୁ ପୋଷ୍ଟମାର୍ଟମ୍ କଲେ କିଛି ଲାଭ ହେବନାହିଁ । ମୁଁ ତାଙ୍କୁ ମାରିଛି । ତାଙ୍କୁ କଟାକଟି କଲେ ମୁଁ ଆତ୍ମହତ୍ୟା କରିଦେବି– ସତ କହୁଛି ଆଜ୍ଞା ! କାନ୍ଦି କାନ୍ଦି ସ୍ତ୍ରୀଲୋକଟି ପାଗଳି ପ୍ରାୟ ହୋଇଯାଇଛି ।

ଲେଡି ପୋଲିସ୍ ଇନିସ୍‌ପେକ୍ଟର ଶବ ପାଖରେ ଠିଆ ହୋଇଛନ୍ତି । ପାଖରେ ଦୁଇଜଣ ଲେଡି କନେଷ୍ଟବଳ ସାବଧାନ୍ ହୋଇ କାହାକୁ ଅପେକ୍ଷା କରିଛନ୍ତି । ଶବର ପାଦତଳେ ମୁଣ୍ଡପାତି କାନ୍ଦି ଚାଲିଛି ସ୍ତ୍ରୀଲୋକଟି । ଚାରିପଟେ ରୋଗୀମାନେ ଡରିଯାଇ ଶୋଇ ଜୁଳୁଜୁଳୁ ଚାହୁଁଛନ୍ତି– ଯେମିତି କେହି କିଛି ଜାଣି ନାହାନ୍ତି । ଇ-ଟି.ଭି., ଓ-ଟି.ଭି., ନକ୍ଷତ୍ର ଟି.ଭି., କନକ ଟି.ଭି. ଏମ୍-ବିସି ଟି.ଭି. ରିପୋର୍ଟର,ସବୁ ମେଡିସିନ୍ ୱାଡ଼ରେ ବୁଲି ଫଟୋ ଉଠାଇ ଚାଲିଛନ୍ତି । ସମାଜ, ସମ୍ବାଦ, ଧରିତ୍ରୀ, ସମୟ, ଓଡ଼ିଶା ପୋଷ୍ଟ, ସମ୍ମାର୍ଗ, ଇନାଡୁ, ଟାଇମ୍‌ସ ଅଫ୍ ଇଣ୍ଡିଆ ଏମିତି କେତେ ନିଉଜ୍ ପେପର ରିପୋର୍ଟର ଘେରି ପଚାରୁଥା'ନ୍ତି । ଲେଡି ପୋଲିସ୍ ପାଲ୍ ମ୍ୟାଡାମ୍‌ଙ୍କ ପାଖରେ ସମାଜ, ସମ୍ବାଦ, ଧରିତ୍ରୀ, ଖବର, ଟାଇମ୍‌ସ୍ ଅଫ ଇଣ୍ଡିଆ, ଇନାଡୁ ଆଉ କେତେ ନୂଆ ଖବର କାଗଜର ପ୍ରତିନିଧିମାନେ କେତେ କଥା ପଚାରି ଲେଖିନେଉଛନ୍ତି । କଟକ ବଡ଼ ମେଡିକାଲ ଆଜି ଭାରି ଗହଳି । ମେଡିସିନ୍ ୱାର୍ଡ଼କୁ ଜଗୁଆଳି ଗେଟ୍ ଭିତରକୁ ଛାଡୁନାହିଁ । କେମିତି ଛାଡ଼ିବ ସେ ! କେତେବେଳେ କଉ କଥା ଟିକିଏ ଏପଟ ସେପଟ ହେଲେ ତା' ଚାକିରୀ ଆଉ ରହିବଟି ? ହେଁ– ହେଁ– ଯେତେ କାମ ଥିଲେ ବି ପ୍ରଫେସର୍‌ଙ୍କୁ ଦେଖାକରି ହେବନାହିଁ ଜମା । ଡେଡ୍‌ବଡ଼ି ବାହାରକୁ ନ ଗଲେ ଭିତରକୁ ଆସିବା ମନା । ବାହାରେ ଜଗୁଆଳି ତାଲା ପକାଇ ବସିଛି ।

ହଜାର ହଜାର ଲୋକ ବାହାରେ ରୁଣ୍ଡ ହୋଇଛନ୍ତି ଆଜି । ସମସ୍ତଙ୍କ ପାଟିରେ ସେଇ ଗୋଟିଏ କଥା– ସ୍ତ୍ରୀ ମାରିଛି ସ୍ୱାମୀଙ୍କୁ ! ଆରେ– ଡାକ୍ତର ହେଳାରୁ ସିନା ରୋଗୀ ମରୁଥିଲା । ଆଉ ଆଜିକାଲି ରୋଗଣା ସ୍ୱାମୀଙ୍କୁ ଘରେ ନ ମାରି ମେଡିକାଲ୍‌ରେ ମାରୁଛି ! ବାଃ-ବାଃରେ ନାରୀ ! ତୋର କେତେ ରୂପ ! ଆରେ ଇଏ ଦୁର୍ଗା ନା' କାଳୀରେ ବାବା ? ତିନି ମହଲା ପାଞ୍ଚ ଶହ ନଅ ନମ୍ବର ବେଡ୍‌ରେ ଶବଟିକୁ ଘୋଡ଼େଇ ଦିଆଯାଇଛି । ଧଳା କନା ପଡ଼ିଛି ତା'ଉପରେ । ପାଟିରୁ ରକ୍ତ ଝରି ତଳକୁ ଗଡ଼ିଆସିଛି କେତେବୁନ୍ଦା । ପାଖ ବେଡ୍‌ର ଲୋକମାନେ ମୁହଁ ଶୁଖେଇ ଚୁପ୍‌ଚାପ୍ ବସିଛନ୍ତି । ବେଶୀ ହେଲେ ଟୁପୁରୁ ଟାପୁରୁ ହେଉଛନ୍ତି । ପାଖ ଦେଇ କିଏ ଯିବା ଆସିବା କଲେ ଟେରେଇ ଟେରେଇ ଚାହୁଁଛନ୍ତି । କିଏ ଯେମିତି କ'ଣ ଗୋଟେ କରି ପକେଇଛନ୍ତି । ଦିନ ନଅଟା ବାଜିଲାଣି । କେହି ଜଣେ ହେଲେ ଷ୍ଟାଫ୍ ବେଡ୍ ପାଖକୁ ଆସିନାହାନ୍ତି । ଡାକ୍ତରମାନେ ମଧ ଆସ ନାହାନ୍ତି ୱାର୍ଡ଼କୁ । ବଡ଼ଦିଦି ଆସି ବିରକ୍ତ ହୋଇ ଜଣେ ନର୍ସକୁ ପଚାରିଲେ– କ'ଣ ୫୦୯

ପେସେ ଷ୍ଟ କୁ ଗ୍ୟାସ୍ ଓ ବାନ୍ତି ପାଇଁ "ରାଜୋ–ଡି ବଟିକା କିମ୍ବା ଇଉଡିଲିଭ ବଟିକା ଦିଆଯାଇ ନାହିଁ କାହିଁକି ?

ଷ୍ଟାଫ୍ ନର୍ସ ରୁମ୍ ଆଡ଼କୁ ଆଗେଇଲେ ବଡ଼ଦିଦି ଫଣଫଣ ମୁହଁରେ । ଦୂରରୁ ଦେଖିଲେ– ଷ୍ଟାଫ୍‌ନର୍ସ ରୁମ୍‌ରେ ଜଣେ ନର୍ସ ଟେବୁଲ ଉପରେ ମୁଣ୍ଡପୋତି ବସିଛି । ହେ-ମାଳିନୀ ! ତୋର କ'ଣ ହୋଇଛି ? ମାଳିନୀ ନ ଶୁଣିବାରୁ ଜୋର୍ ପାଟି କରି ହଲେଇ ଦେଲେ ବଡ଼ଦିଦି । ମାଳିନୀ ତଳେ ପଡ଼ିଗଲା । ଦିଦି ପାଟିକରି ଡାକ ପକେଇଲେ– ଆରେ' ରମା, ସଚଳା, ଶକୁନ୍ତଳା, ଲଗ୍ନା ତୁମେ ସବୁ ମରିଗଲ କି'ରେ ? ଦେଖ ଦେଖ ମାଳିନୀର କ'ଣ ହେଇଛି ! ଯିଏ ଯେଉଁଆଡ଼େ ଥିଲେ ନର୍ସ ଦୌଡ଼ି ଆସି ମାଳିନୀକୁ ଉଠାଇ ପାଖ ବେଡ଼୍‌ରେ ଶୁଆଇ ଦେଲେ । ମାଳିନୀର ଦେହ ଏମିତି କାହିଁକି ହେଲା ? କେହି ଜାଣିପାରିଲେ ନାହିଁ । ତା'ପାଟିରେ ଟିକେ ପାଣିଦେଇ ଜଣେ ହାଉସ୍ ସର୍ଜନ କରୁଥିବା ଝିଅ ହାତର ଭେନ୍‌କୁ ପରୀକ୍ଷା କରି ଦେଖିଲେ । ଷ୍ଟେଥିସ୍କୋପ୍‌ରେ ପରୀକ୍ଷା କଲେ । ବ୍ଲଡ୍ ପ୍ରେସର୍ ପରୀକ୍ଷା କରି କହିଲେ "ସି ଇଜ୍ ଓକେ" । ବ୍ୟସ୍ତ ହେବାର କିଛି ନାହିଁ ।"ଡୋଣ୍ଟ୍ ଓରି" । ମାଳିନୀ ଶୋଇଥାଏ ଷ୍ଟାଫ୍‌ନର୍ସ ରୁମ୍‌ରେ । ପାଖରେ ବସିଥାଏ ତାର ସାଥୀ ଲଗ୍ନା । ସେ ତାକୁ ଆଉଁସି ଦେଉଥାଏ । ପାଖରେ ଟେବୁଲ୍ ଫ୍ୟାନ୍‌ଟିଏ ଲଗାଇ ଦେଲା ଲଗ୍ନା ।

ସେପଟେ ଇନିସ୍‌ପେକ୍ଟର ଶବ ପାଖରେ ବସିଥିବା ସ୍ତ୍ରୀଲୋକଟିକୁ ନାନା ପ୍ରକାର ପ୍ରଶ୍ନ ପଚାରୁଥା'ନ୍ତି । ପ୍ରତି କଥାରେ ସେ କହୁଥାଏ– "ମୋ' ସ୍ୱାମୀଙ୍କୁ ମୁଁ ବିଷ ଦେଇ ମାରିଛି ଆଜ୍ଞା ! ଠିକ୍ କରିଛି । ମୋତେ ଜେଲ୍‌କୁ ପଠାଇ ଦିଅନ୍ତୁ । ମୋତେ ଫାଶି ଦିଅନ୍ତୁ । ହାତରେ ଲୁହା ଶିକୁଳି ପିନ୍ଧାଇ ଦେବାକୁ ସ୍ତ୍ରୀଲୋକଟି ଦୁଇହାତ ଟେକି ନେହୁରା ହେଉଥାଏ । ପୋଷ୍ଟମାର୍ଟମ୍ କରିବାକୁ ଚାରିଜଣ ଲୋକ ବେଡ଼୍‌ରୁ ଷ୍ଟ୍ରେଚର୍‌କୁ ପଠାଇଲାବେଳେ ଗୋଟିଏ ମୋଡ଼ା ମୋଡ଼ି ହୋଇଥିବା କାଗଜ ଖସିପଡ଼ିଲା । ସ୍ତ୍ରୀଲୋକଟି ଜୋର୍‌ରେ କାନ୍ଦି କାନ୍ଦି ସେଇ କାଗଜଟି ସମସ୍ତଙ୍କୁ ଦେଖାଉଥାଏ । ଚାରିପଟେ ତା'ର ଟି.ଭି. ବାଲା, ଖବର କାଗଜ ଫଟୋଗ୍ରାଫର୍ ଆଉ ପ୍ରତିନିଧିମାନେ ଘେରିଯାଇଥିଲେ । ସ୍ତ୍ରୀଲୋକଟି କାନ୍ଦି କାନ୍ଦି ତଳେ ପଡ଼ି କହିବାକୁ ଲାଗିଲା–

ମୋ' ସ୍ୱାମୀ ବହୁତ ଭଲ ମଣିଷ ଆଜ୍ଞା !

ମୋତେ ନ ଦେଖିଲେ ସେ' ପାଗଳ ହେଇଯା'ନ୍ତି । ତାଙ୍କର ଭିତରେ ଭିତରେ ପେଟ ଫମ୍ପେଇ ଗ୍ୟାସ୍ ହେଲା ପେଟରେ । ସମସ୍ତେ ଗାଆଁରେ କହିଲେ ଖୁଆପିଆ କଲେ ଠିକ୍ ହେଇଯିବ । କଟକ ବଡ଼ ମେଡିକାଲ୍ ଯାଇ ଟଙ୍କା ଶ୍ରାଦ୍ଧ କଲେ କିଛି ଲାଭ ନାହିଁ । ଖିଆପିଆ ନ କରି ଦିନକୁ କୋଡ଼ିଏ ତିରିଶି କଡ଼ାପାନ ଆଉ ଚା' ପିଇ ଖିଆପିଆ କରନ୍ତି ନାହିଁ । ରୋଗଟି ଓଲଟି ଗଲା ଶେଷରେ । ଭୁବନେଶ୍ୱର ନୀଳାଚଳ ହସ୍‌ପିଟାଲ୍‌ରେ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଡାକ୍ତର ପ୍ରକାଶ ଦଳାଇଙ୍କୁ ଦେଖାଇଲୁ । ସେ ଏଣ୍ଡୋସ୍କୋପି ଆଉ ଅଲ୍‌ଟ୍ରାସାଉଣ୍ଡ୍ କରି ଔଷଧ ଲେଖିଦେଲେ । "ପ୍ୟାରିଟ" ବଟିକା ଦିନକୁ ଦୁଇଟି କରି ଦୁଇମାସ, "ନେଓପ୍ରାଇଡ୍" ବଟିକା ଦିନକୁ ତିନିଟା କରି ଦୁଇମାସ, "ଲିବ୍ରାଟେକ୍ସ" ବଟିକା ଦିନକୁ ଦୁଇଟି କରି ଦୁଇମାସ ଏବଂ "ସିସ୍‌କୋନ୍" ବଟିକା ସପ୍ତାହରେ ଥରେ ଦୁଇମାସ ପର୍ଯ୍ୟନ୍ତ ଖାଇବାକୁ କହିଲେ ।

ଦୁଇ ମାସ ଭିତରେ ମୋଟାମୋଟି ରୋଗଟି ଭଲ ଆଡ଼କୁ ଆସିଥିଲା । ତା'ପରେ ହେଳାକରି ଡାକ୍ତରଙ୍କୁ ଦେଖାକଲେ ନାହିଁ । ରାତିରେ ତାଙ୍କୁ ବେଶୀ କଷ୍ଟ ହେଲା । ଶୋଇ ପାରିଲେ ନାହିଁ । ରୋଗଟି ପୁଣି ବଢ଼ିଗଲା । ବାଧ ହୋଇ ମୋର ସବୁ ଅଳଙ୍କାର ବିକ୍ରିକରି ଦୁଇମାସ ହେଲା ବଡ଼ ମେଡିକାଲ୍‌ରେ ଚିକିତ୍ସା ହେଉଥିଲେ । ଆଜିଯାଏ ବାପଘରର ଲୋକେ ତାଙ୍କ ରୋଗ ଭଲ ହେବାପାଇଁ ମେଡିକାଲ୍ ଆସି ଦେଖାଶୁଣା କରୁଥିଲେ । ଦିନେ ଡାକ୍ତର କହିଲେ ତୁମ ସ୍ୱାମୀ ଭଲ ହେଇଯିବେ ନିଶ୍ଚୟ । ତାଙ୍କର ଯକୃତ ୧୨.୨ ସେ.ମି. ସାଧାରଣ ଆକାର ଏବଂ ଟିକିଏ ଛୋଟ ଟେକ୍‌ସ୍‌ଚର୍ ଥିଲା । ଗଲ୍ ବ୍ଲାଡର୍ ସାଧାରଣ ଆକାର ଏବଂ କାନ୍ଥ ପତଳା ଥିଲା । ସିବିଡିର ମାପ ୪,୫ ମି.ମି, ପିଭିର ମାପ ୯ ମି.ମି. ସାଧାରଣ ଥିଲା । ସ୍ପ୍ଲିନ୍ ଆକାର ୭.୫ ସେ.ମି. ଡାହାଣ ଯକୃତର ଆକାର ୯.୭ ̥ ୩.୫ ସେ.ମି ଏବଂ ବାମ ଯକୃତର ଆକାର ୧୦.୦ ̥ ୪.୩ ସେ.ମି । ବିଲାଟେରାଲ ଯକୃତ ଗୁଡ଼ିକ ଆକାରରେ ସାଧାରଣ ଏବଂ ବାହାର ବିରିବିରି ଦେଖାଯାଉଥିଲା । ଏଣ୍ଡୋସ୍କୋପି ରିପୋର୍ଟରେ ଇଣ୍ଡିକେସନ୍– ଏପିଡ଼ି, ପ୍ରିମେଡ଼ିକେସନ୍– ଜିଲୋକେଇନ ସ୍ପ୍ରେ, ଫାଂରିନ୍‌ଜ୍‌/ ଭୋକାଲ୍ କର୍ଡ଼- ସାଧାରଣ । ଜି.ଇ. ଜଙ୍କ୍‌ସନ୍, –୩୮ ସେ.ମି, ଗ୍ରେଡ଼୍– ଓଏସୋଫାଜିଟିସ୍ ଆସିଲା । ପାକସ୍ଥଳୀ ରିପୋର୍ଟରେ– ଆ ଣ୍ଟ୍ରାଲ୍ ଗାଷ୍ଟ୍ରିଟିସ୍ ବାହାରିଲେ । ଡୁଓଡେନମ୍ ରିପୋର୍ଟରେ ପ୍ରଥମ ଭାଗରେ– ସାଧାରଣ, ଦ୍ୱିତୀୟ ଭାଗରେ– ସାଧାରଣ, ଏଚଡ଼ ପିଲୋରି ଟେଷ୍ଟ୍ (ଆର ଇୟୁ ଟି)– ଭି.ଇ. ବାଇଓପ୍‌ସି ହିଷ୍ଟୋପାଥେଲଜି ହେଲାନାହିଁ । ଶେଷରେ ଫଳାଫଳରେ ଆସିଲା ପ୍ରଥମରେ ଓଏସୋଫାଜିଟିସ୍, ଦ୍ୱିତୀୟରେ ଗ୍ୟାଷ୍ଟ୍ରିଟିସ୍ ଫଳାଫଳକୁ ଦେଖି ଡାକ୍ତର ଔଷଧ ଲେଖିଲେ ।

ଔଷଧ ଲଗାତର ଲାଗିରହିଲା । ଡାକ୍ତର ପରୀକ୍ଷା ନିରୀକ୍ଷା କରି ଚେଷ୍ଟାକଲେ ଅପରସେନ୍ ନ କରିବାପାଇଁ । ହେଲେ ନାଃ- ଅପରେସନ୍ କରିବାକୁ ହେବ । ପେପ୍‌ଟିକ୍ ଅଲ୍‌ସର୍ ହୋଇଛି ମାନେ ଅନ୍ତନଳୀରେ ଘାଆ ହୋଇଛି । ଅପରେସନ୍ କରିଦେଲେ ଡାକ୍ତର ଦେବତା ସାର୍ । ଭାରି ଭଲ ମଣିଷ । ରୋଗୀକୁ ସାନ୍ତ୍ୱନା ଦେଇ ଭଲ ହୋଇଯିବ କହି ଔଷଧ ଲେଖନ୍ତି । ଅପେକ୍ଷା କଲେ ରୋଗଟିର ସ୍ଥିତି କେଉଁଆଡ଼କୁ ଗତି କରୁଛି । ସେବା ଶୁଶ୍ରୁଷାରେ ନର୍ସମାନେ ହେଳା କରୁ ନଥା'ନ୍ତି । ପ୍ରତିଦିନ ସକାଳେ ଅପରେସନ୍ ଯାଗାଟିକୁ ବ୍ୟାଣ୍ଡେଜ୍ କରି ପୋଛାପୋଛି କରିବାଠାରୁ ଆରମ୍ଭ କରି ଝାଡ଼ା ପରିସ୍ରା ଆଦି ସବୁ ସେବା କରିଚାଲିଥାଏ ନର୍ସ ମାଳିନୀ । ସେତ' ଶିକ୍ଷାଲାଭ କରିଛି ନର୍ସିଂଟ୍ରେନିଂ କଲେଜରେ । ସେବାର ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଏପରିକି ଓ.ଟି.ରେ ପ୍ରଫେସରଙ୍କ ସହିତ ରହି ସାହାଯ୍ୟ କରିବାରେ ମାଳିନୀ ଏକ ନମ୍ବର ନର୍ସ । ନିଜର ଭଉଣୀ ଭଳି ରୋଗୀର ସେବା କରିଚାଲିଥାଏ ସେ । ପ୍ରତିଦିନ ସକାଳେ ରକ୍ତଚାପ ପରୀକ୍ଷା କରିବା, ପାଟିରେ ଥର୍ମୋମିଟର ଦେଇ ଦେହର ଟେମ୍ପରେଚର୍ ମାପିବାବେଳେ ରୋଗୀ ଚାହିଁ ରହିଥାଏ ମାଳିନୀର ମୁହଁକୁ । ଗୋରା ତକ ତକ ସୁନ୍ଦରୀ ଝିଅ ନର୍ସ ମାଳିନୀ ଭାରି ଚୁପ୍‌ଚାପ୍ । ତା'ର କାମ ତ' ସେବା କରିବା । ଆଉ କିଛି ବୋଲି କିଛି-ନୁହେଁ । ମାଳିନୀ ଏମିତି ଗୋଟେ ଝିଅ– ଆ ଣ୍ଟି ବାଟିକ୍ ଔଷଧ ଟାକ୍ସିଙ୍ଗ-ଓ-ଟୁ ହଣ୍ଡ୍ରେଡ୍ ବଟିକା

ଦେବାରୁ ଘାଆ ଶୁଖିବାକୁ ଲାଗିଲା । ତୁଳାରେ ଟି-ବ୍ୟାଟ୍ ତରଳ ପଦାର୍ଥ ଦେଇ ପୋଛି ବେଟାଡିନ୍ ବାରମ୍ବାର ଲଗାଇଲା । ତାକୁ ୱାର୍ଡ଼ରେ ସମସ୍ତେ ଚାହିଁ ରହନ୍ତି କେତେ କ'ଣ ଭାବି । ପେଟର ଘାଆ ମୋଟା ମୋଟି ଶୁଖି ଆସିଲାଣି । ଦରଜ ଟିକେ ଅଛି । ଦେହରେ ଓଦାକନା ପୋଛିଲା ବେଳେ, ପିଠିରେ-ଛାତିରେ ପାଉଡର ବୋଳିଲାବେଳେ ରୋଗୀ ଦେହରେ ଶିହରଣ ଖେଳି ଉଠେ । ରୋଗୀ ସିନା କହେ ନାହିଁ, ହେଲେ ତା' ଆଖି କହେ ମାଳିନୀର ଗୋରା ଗୋରା ହାତ ଦୁଇଟି ସାରାଦିନ ଏମିତି ଛାତି ଉପରେ ରହିଥାଉ ! ଆଃ- କି' ଶାନ୍ତି !!

ରୋଗୀର ସ୍ତ୍ରୀ କିଛି କହିପାରେ ନାହିଁ । ମନରେ ଅଲକ୍ଷଣା କଥା ଆସିଗଲେ ସେ ଭୁଲିବାକୁ ଚେଷ୍ଟାକରେ– ସ୍ୱାମୀଙ୍କ ମଙ୍ଗଳ ପାଇଁ । ରୋଗୀର ହାତଧରି ମାଳିନୀ ଇଂଜେକ୍ସନ୍ ଦେଲାବେଳେ, ସକାଳେ, ସନ୍ଧ୍ୟାବେଳେ ଚେକ୍‌ଅପ୍ ବେଳେ ଆଜିକାଲି ରୋଗୀ ମାଳିନୀର ମନଟାକୁ ଅସ୍ତବ୍ୟସ୍ତ କରିପକାଏ । ଏଣିକି ମାଳିନୀ ରୋଗୀ ପାଖକୁ ସିଧାଯାଇ ଆଖିର ଡୋଳା ଧୀର ରଖି ଶୀଘ୍ର କାମ ସାରି ଆସିବାକୁ ଚେଷ୍ଟାକରେ । ହେଲେ ସେ ହାରିଯାଏ– ରୋଗୀର ଆଖି ପାଖରେ । ତରତର ହୋଇ ସେବାକାର୍ଯ୍ୟରେ ଭୁଲଭାଲ୍ ହୋଇଯାଏ ମାଳିନୀର । କାମ ସାରି ଷ୍ଟାଫ୍ ନର୍ସ ରୁମ୍‌କୁ ପଶୁ ପଶୁ ଦୂରରୁ ମାଳିନୀ ରୋଗୀକୁ ନିରୀକ୍ଷଣ କରେ । ପାଖରେ ରୋଗୀଟିକୁ ଏମିତି ଆଖିରେ ଚାହିଁବାକୁ ଇଚ୍ଛାକଲେ ବି' ମାଳିନୀ ଚାହିଁପାରେ ନାହିଁ । ତାକୁ ଲାଜ ଲାଗିଲାଣି ଏଣିକି ! ରୋଗୀ ହେଲେ ବି' ସେ ଜଣେ ପୁରୁଷ ! ରୋଗୀଟିର ମୁହଁ ସେ ଦେଖୁଛି ଶତ ଶତ ସ୍ୱପ୍ନର ରଙ୍ଗ । ସେଇ ରଙ୍ଗରେ ବୋଳି ହୋଇ ରଙ୍ଗୀନ୍ ହୋଇଯିବାକୁ ମାଳିନୀ ଯେମିତି ଆତୁର ହୋଇ ଉଠୁଛି । ମାଳିନୀ କାହାକୁ କିଛି ନ କହି ମନକଥା ମନରେ ରଖିଥାଏ । ଡିଉଟି ନଥିଲେ ବି' ସେ ଏମିତି ଚାଲିଆସେ ୫୦୯ ବେଡ୍ ପାଖକୁ । ଆଉ ଦେହ କଥା ପଚାରି ବୁଝେ । କିଏ କାହିଁକି ଜାଣିବ– ଦୁହିଁଙ୍କ ଭିତରେ ଗୋଟାଏ ରଙ୍ଗୀନ୍ ଘୂର୍ଣ୍ଣିଝଡ଼ ଆରମ୍ଭ ହୋଇଯାଇଛି ବୋଲି । ସ୍ୱାମୀଙ୍କ ଦେହପାଇଁ ମାଳିନୀ ଝିଅଟି ସେବା କରୁଛି ଭାବି କିଛି ମନରେ ଆସିଲେ ସ୍ତ୍ରୀ ଜଣକ କିଛି କହିବାକୁ ସାହସ କରେ ନାହିଁ । ଭଗବାନଙ୍କୁ ନିତି ଜୁହାର ହୁଏ– ସ୍ୱାମୀଙ୍କୁ ନେଇ ଘରକୁ ଫେରିବ କେବେ !

ଦିନେ ସନ୍ଧ୍ୟାବେଳେ ସ୍ତ୍ରୀଲୋକ ଜଣକ ୫୭୦ ନମ୍ବର ବେଡ୍‌ର ଆଟେଣ୍ଡାଣ୍ଟ୍ ପାଖକୁ ଯାଇଛି– କ'ଣ ପଚାରି ବୁଝିବା ପାଇଁ । ସେତେବେଳେ ମାଳିନୀ ରୋଗୀର ପାଟିରେ ଥର୍ମୋମିଟର ରଖି ଠିଆ ହୋଇଥାଏ ଚୁପ୍ ହୋଇ । ରୋଗୀଟି ମାଳିନୀକୁ ଚାହିଁଥାଏ ଏକଲୟରେ । ରୋଗୀ ପାଟିରୁ ଥର୍ମୋମିଟର କାଢୁ କାଢୁ ମାଳିନୀର ହାତଟିକୁ ରେଗୀଟି ଟାଣି ଧରିଲା । ସେହି ହାତଟଣା ଭିତିରେ ଦୁହିଁଙ୍କ ହୃଦୟ ଭିତରେ ଗୋଟିଏ ପ୍ରେମର ବୋମା ଫୁଟି ଉଠିଲା ଧୀରେ ଶବ୍ଦରେ । ମାଳିନୀ ସହି ପାରିଲା ନାହିଁ ସେ ବୋମାର ତେଜ । ତର ତର ହୋଇ ଦୌଡ଼ିଗଲା ଷ୍ଟାଫ୍ ରୁମ୍ ଭିତରକୁ । କିଏ ଦେଖି କ'ଣ ଭାବିଥିବ ମନେକରି ୫୦୯ ବେଡ୍‌କୁ ଆକୁଳ ନୟନରେ ଚାହିଁ ରହିଲା ଦୂରରୁ । ତା'ର ମନ ଯେମିତି କହୁଥାଏ ଦୌଡ଼ିଯାଇ କହି ଦେବାକୁ– "ମୁଁ ତୁମକୁ ଭଲ ପାଏ" ।

ଛାତିଟା ଧଡ଼୍‌ପଡ଼୍ ହେଉଥାଏ ଭୟରେ ! ପ୍ରଥମ ପ୍ରେମରେ ! ସେ ସହିପାରୁନି ପ୍ରେମରେ ମଣିଷ ଏମିତି

ଦୁର୍ବଳ ହୁଏ ବୋଲି । ଶୀଘ୍ର କାମସାରି ହଷ୍ଟେଲକୁ ଚାଲିଗଲା ମାଳିନୀ । କୁଆଁରୀ ମନର ସବୁକଥା ଭାବି ଭାବି ସେ ଚିଠି ଲେଖିବସିଲା– ହେ ମୋର ପ୍ରଥମ ମଣିଷ !

ତୁମ ଆଖିରେ ଆଖି ମିଶାଇ ମୁଁ ଆଜି ହାରିଯାଇଛି । ପ୍ରେମରେ ମୁଁ ଆଜି ତୁମ ପାଖରେ ବିକ୍ରି ହୋଇଗଲି । ଯେତେ ଚେଷ୍ଟାକରି ତୁମଠାରୁ ଦୂରରେ ରହି ସେବା କରିବି, ହେଲେ ପାରିଲି ନାହିଁ । ତୁମ ଆଖି ଦୁଇଟି ମୋତେ ଟାଣି ଆଣିଲା । ତୁମେ ବିବାହିତ ! ମୁଁ ବିବାହିତା! ହେଲେ ବିଧବା ! ବିବାହର ତିନିମାସରେ ତାଙ୍କର ଟ୍ରେନ୍ ଆକ୍ସିଡେଣ୍ଟ୍‌ରେ ମୃତ୍ୟୁ ହୋଇଗଲା । ସେହିଦିନଠାରୁ ମୁଁ ନର୍ସ ଟ୍ରେନିଂ ନେଇ କଟକ ମେଡିକାଲ୍‌ରେ ଚାକିରୀ କରୁଛି ।

ହିନ୍ଦୁ ଧର୍ମରେ ବିଧବା ଭାଗ୍ୟରେ ବିବାହର ସ୍ୱପ୍ନ ଅନୈତିକ । ହିନ୍ଦୁ ସମାଜର ବଜ୍ରରେ ବିଧବାର ସ୍ୱପ୍ନ- କେବଳ ଅନ୍ଧକାର ! ତୁମେ ରୋଗୀ ହୋଇ ମୋ' ଯୁବତୀ-ବିଧବା ଛାତିରେ ପ୍ରେମଫୁଲ ଫୁଟେଇଦେଲ ! ଯେତେ ନିଜକୁ ସଂଯତ କରି-ପାରିଲିନି ଶେଷ ପର୍ଯ୍ୟନ୍ତ । ମୁଁ ତୁମ ବିନା ବଞ୍ଚି ପାରିବି ନାହିଁ । କେମିତି ବଞ୍ଚିବି- କୁହ ? ଦୁଇଦିନ ପରେ ତୁମେ ଡିସ୍‌ଚାର୍ଜ ହୋଇଯିବ । ତୁମ ସ୍ତ୍ରୀ ସହିତ ତୁମେ ଗାଆଁକୁ ଫେରିଯିବ । ତୁମ ବିନା ମୁଁ ଏଠାରେ କେମିତି ବଞ୍ଚିବି କୁହ ? ଗୋଟେ କାମ କରିବ– ତୁମେ ଗାଆଁକୁ ଯାଇ "ରିଚେକ୍ ପାଇଁ ଆସି ମୋ' ପାଖରେ ରହିଯିବ । ମୋ'ଦରମାରେ ଆମେ ଭଲରେ ବଞ୍ଚିଯିବା । ମନେ ରଖିଥିବ । ଭୁଲିବନି ଜମା ! ତୁମ ବିନା ମୁଁ ବଞ୍ଚି ପାରିବିନି କି' ମରି ପାରିବିନି । ଇତି

ତୁମର ମାଳିନୀ

ଚିଠିଟି ତା'ପର ଦିନ ସକାଳେ ମାଳିନୀ ରୋଗୀର ସ୍ତ୍ରୀ ନଥିବା ସମୟରେ ହସି ହସି ଦେଇଦେଲା । ଚିଠିଟି ପଢ଼ି ରୋଗୀଟି ସମ୍ପୂର୍ଣ୍ଣ ସୁସ୍ଥ ହୋଇ ବସିଲା । ରୋଗୀର ଏଭଳି ଚଞ୍ଚଳତା ଦେଖି ସ୍ତ୍ରୀ ଜଣକ କଟକଚଣ୍ଡୀଙ୍କୁ ମୁଣ୍ଡିଆ ମାରୁଥାଏ । ମାଳିନୀ ମନରେ ଆଜି ଅସୁମାରୀ ସ୍ୱପ୍ନ । ତା'ବିଧବା ଦେହରେ ଆଜି ସବୁ କଢ଼ ଗୁଡ଼ିକ ଫୁଲ ଫୁଟିଚାଲିଥାଏ । କେତେ ସ୍ୱପ୍ନ ଦୁଇଜଣ ନାରୀଙ୍କର ସତେ !!! ଖରାବେଳେ ସ୍ୱାମୀ ଶୋଇଯାଇଥିଲେ ଗାଢ଼ ନିଦରେ । ସ୍ୱାମୀଙ୍କ ତକିଆ ସଜାଡ଼ୁ ସଜାଡ଼ୁ ସ୍ତ୍ରୀଲୋକ କାଗଜଟି ପାଇ ଆଶ୍ଚର୍ଯ୍ୟ ହୋଇଗଲା ! ତା'ର ମୁଣ୍ଡ ଘୂରିଗଲା । ସେ ମନେ ମନେ କେତେ ଖୁସି ହୋଇଥିଲା– ସ୍ୱାମୀଙ୍କୁ ଗାଆଁକୁ ବଞ୍ଚେଇ ନେଉଛି ବୋଲି । କିନ୍ତୁ, ସେ କ'ଣ କରିବ ! କାହିଁକି ତା' ଦୁନିଆଁରେ ନର୍ସଟା ନିଆଁ ଲଗେଇ ଦେଇଛି ? ମାଳିନୀ ଚାକିରୀଆ ଝିଅ, ଭଲ ଦରମା ପାଉଛି । ଟୋକୀଟା ତା' ସ୍ୱାମୀକୁ ଯେମିତି କିମିଆଁ କରି ଦେଇଛି ! ଏଇ କେତେଦିନ ହେଲା ସେ'ଦୁହିଁଙ୍କ ଭିତରେ କ'ଣ ଗୋଟେ ହେଲାଭଳି ମନେ ହେଉଥିଲା । ହେଲେ– ସେ ଭୁଲି ଯାଉଥିଲା ସ୍ୱାମୀର ହସ ହସ ମୁହଁକୁ ଦେଖି । କିନ୍ତୁ, ଏତେ' ଧୋକାବାଜ୍ ! ପୂରା ଧୋକା ! ନାଃ, ସେ କାହାକୁ ଛାଡ଼ିବନି । ଏତେ ବଡ଼ ଛଳନାକୁ ସିଏ ସହି ପାରିଲା ନାହିଁ । ହଜମ କରି ପାରିଲା ନାହିଁ ଜମା ! ଯେଉଁ ସ୍ୱାମୀ ପାଇଁ ଦୁଇଟି ନାରୀଙ୍କ ମଧ୍ୟରେ ଆଜି ଅଶାନ୍ତି ସୃଷ୍ଟି ହୋଇ ଉଠିଛି– ସେଇ ପୁରୁଷଟାକୁ ପୂରା ଶେଷ୍ କରିଦେଲେ ସବୁ ସମାଧାନ ହୋଇଯିବ ! ସୁନା ଗହଣା, ଜମିବାଡ଼ି ବିକ୍ରି କରି ଯାହାପାଇଁ ମାସ ମାସ ଧରି ମେଡିକାଲ୍‌ରେ ପଡ଼ି ରହିଥିଲା ଶେଷରେ ଏୟା ତା'ର

ପ୍ରତିଫଳ ! ସ୍ୱାମୀ ଯଦି ତା'ର ଦୁଃଖ ତା' ନାରୀ ଜୀବନର ଯନ୍ତ୍ରଣାଟା ବୁଝି ପାରିଲା ନାହିଁ– ତେବେ କାହିଁକି ସିଏ ବୁଝିବ ? ତାକୁ ବି' ତା'ର ପ୍ରତିଫଳ ଭୋଗିବାକୁ ପଡ଼ିବ ।

ସେ ନାରୀ, ଜନନୀ, ଭଗିନୀ, ପୁଣି କାଳୀ ଆଉ ଦୁର୍ଗା !!!

ସ୍ୱାମୀକୁ ମହିଷାସୁର ଭଳି ହତ୍ୟା କରିଦେବ !!!

ସେ ସ୍ୱାମୀହନ୍ତା ହୋଇଯିବ ଆଜି ରାତି ଭିତରେ !!!

ଚାରିଟା ବେଳେ ରିକ୍ସାରେ ସିଧା ଚୌଧୁରୀ ବଜାର ଆସି ଗଛର ପୋକମରା ଔଷଧ ବ୍ୟାଗ୍ ଭିତରେ ନେଇ ଫେରିଗଲା । ସ୍ୱାମୀଙ୍କ ହସ ହସ ମୁହଁ ଦେଖି ସେ ଯେତିକି ଖୁସି ହେଉଥାଏ– ତା'ଠୁଁ ଶହେ ଗୁଣରେ ହିଂସ୍ର ହୋଇଗଲା । ସେ ନାରୀରୁ କାତ୍ୟାୟନୀ ପାଲଟି ଗଲା ରାତି ନଅଟାରେ । ନାରୀ ବି' ଛଳନାମୟୀ ହୁଏ । ଗ୍ଲାସ୍‌ରେ ବିଷ ମିଶାଇ ସ୍ୱାମୀଙ୍କୁ ପିଇବାକୁ ଦେଲା ଅତି ଶ୍ରଦ୍ଧାର ସହିତ । ଢକ ଢକ କରି ପିଇଦେଲେ ସ୍ୱାମୀ । ନିଷ୍ଠୁର ହେଇ ଚାହିଁଥାଏ ସେ ।

ତା'ପରେ ସବୁ ଶେଷ !!!

ରାତିଟା ସହିତ ନିର୍ଜୀବ ସ୍ୱାମୀ ଶୋଇପଡ଼ିଲେ ଚୀରଦିନ ପାଇଁ । ପାହାନ୍ତା ପ୍ରହରରେ କାଉ, ଚଢ଼େଇମାନେ ନିଦ ଭାଙ୍ଗି ଦେଲେ ସମସ୍ତଙ୍କର । ହେଲେ ୫୦୯ ନମ୍ବର ବେଡ୍‌ର ରୋଗୀ ଜୀବନରେ ପାହାନ୍ତା ହେଲା ନାହିଁ ।

ସକାଳ ହେଲା, ସୂର୍ଯ୍ୟ ପୂର୍ବ ଦିଗରେ ହସି ଉଠିଲେ । କିନ୍ତୁ ସ୍ୱାମୀ ଆଉ ହସିପାରିଲେ ନାହିଁ ମାଳିନୀକୁ ଦେଖି । ସକାଳ ନଅଟାରେ ମାଳିନୀ ହସି ହସି ସ୍ତ୍ରୀଲୋକକୁ କହିଲା– ଆଜି ବାବୁ କାହିଁ ଉଠି ନାହାନ୍ତି ତ' ? ରାତିରେ କାଲି ଶୋଇ ନାହାନ୍ତି ସେ– ଆମେ ରାତିସାରା ଗପ କରୁଥିଲୁ ତ ! ଏଇ ପାହାନ୍ତାରେ ଶୋଇଛନ୍ତି । ତାଙ୍କୁ ଉଠାଅ ନାହିଁ । ମୁରୁକି ମୁରୁକି ହସି ମାଳିନୀ ଷ୍ଟାଫ୍ ରୁମ୍ ଆଡ଼କୁ ଚାଲିଗଲା । ରୁମ୍ ଭିତରେ ସାଇତି ରଖିଥିବା ଗୋଲାପକଢ଼ିଟିକୁ ଆଜି ସେ ନିଶ୍ଚୟ ତାଙ୍କୁ ଲୁଚେଇ ଦେଇଦେବ । ସେଥିପାଇଁ ସେ ଆଜି ଶୀଘ୍ର ଆସିଯାଇଛି– "ଗୁଡ୍ ମର୍ଣ୍ଣିଂ" କହି ସ୍ୱାଗତ ଜଣେଇଦେବ । ବିବାହ କରି ବିଧବା ହୋଇଯାଇଥିଲା ସିନା, ହେଲେ ଭଲପାଇ ନଥିଲା ସେ ଜୀବନରେ କାହାକୁ । ଏଇ ତା'ର ପ୍ରଥମ ଭଲ ପାଇବା । ମାଳିନୀକୁ ନୂଆନୂଆ ଲାଗୁଥିଲା ଜୀବନଟା ସତରେ ଲୁଚି ଲୁଚି ଭଲପାଇବାରେ କେତେ ମଜା ଥାଏ ମ'– ! ପୁଣିଥରେ ମାଳିନୀ ଫେରିଆସିଲା ୫୦୯ ନମ୍ବର ବେଡ୍ ପାଖକୁ । ତାଙ୍କୁ କାହିଁକି ମୁହଁ ଘୋଡ଼ାଇ ଦେଇଛ କହି ଚାଦରଟା ମୁହଁରୁ ଟାଣିଆଣି ସେ ଏ' କ'ଣ ଦେଖିଲା– !!! ରୋଗୀ ପାଟିରୁ ରକ୍ତ ବାହାରି ତକିଆ ତଳ ରକ୍ତାକ୍ତ ହୋଇଯାଇଛି ! ମାଳିନୀ ଛାତିରେ ଯେମିତି ହୁତ୍‌କରି ନିଆଁ ଜଳି ଉଠିଲା । ବ୍ୟତିବ୍ୟସ୍ତ ହୋଇ ଦିଦି-ଦିଦି ବୋଲି ଡାକ ପକାଇଲା ସେ । ହେଲେ କେହି ଆସି ନଥିଲେ ୱାର୍ଡ଼କୁ । ସେ ପାଗଳୀ ପ୍ରାୟ ହୋଇଗଲା । ମାଳିନୀ କାନ୍ଦି ପକାଇଲା ଆଉ କ'ଣ ହେଇଗଲା ୟା'ଙ୍କର କହି ରୋଗୀ ମୁହଁରୁ ତୁଳାରେ ରକ୍ତ ପୋଛିବାକୁ ଯାଉଥିଲା । ସ୍ତ୍ରୀଲୋକଟି ଦୃଢ଼ କଣ୍ଠରେ ଚିତ୍କାର କରି କହିଉଠିଲା– ନା, ତାଙ୍କ ମୁହଁରୁ ରକ୍ତ ପୋଛ୍ ନା' ଅଲକ୍ଷଣୀ !

ତୋ' ପାଇଁ ମୁଁ ମୋ' ସ୍ୱାମୀଙ୍କୁ ବିଷ ଦେଇ ମାରିଦେଇଛି ।


ଭାବିଥିଲୁ– ତାଙ୍କୁ ତୁ ମୋ'ଠାରୁ ଛଡ଼େଇ ନେବୁ ନା' ?

ଏବେ ଦେଖିଲୁ ତ'– ସେ କାହାର ?

ମାଳିନୀ ଦୁଇ ହାତରେ ପିନ୍ଧିଥିବା ନାଲିଶଙ୍ଖା ଓ ଚୂଡ଼ିଗୁଡ଼ାକୁ କାନ୍ଥରେ ଭାଙ୍ଗି ପକାଇଲା । ଆଉ କାନ୍ଦି କାନ୍ଦି ତଳେ କଚାଡ଼ି ହୋଇ ପଡ଼ିଗଲା । ବାଁ ହାତରୁ ଖସିପଡ଼ିଲା ଗୋଲାପ କଢ଼ିଟି ।

ଶେଖ୍ ବଜାର, କଟକ
ମୋ : ୮୮୯୫୪୨୪୭୮୨

୦୦୦୦


IBMS No.1 INSTITUTE
IBM'S
SINCE-2005
BANK PO/CLERK
SSC +2/GRADUATE
RLY Tech./Non Tech.
OAS BED
CALCULATE 763X592 IN SECONDS
Charge your Brain
With the power of VEDIC MATHS.
Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190
0671-6540190 M-9238500190
Register Your Name For Free Class
All India Topper
Lopa Mudra Mohanty
EXCLUSIVE FEATURES
COMPLETE SIGN-UP SYSTEMS
ENTRY BY 20 MINUTE PRE - INTERVIEW & FREE CLASSES
WITH YOU SCORING OF 65%
STUDENT FORUM CLASSES
COMMON TEST STARTS FROM THE DATE OF ENTRY WITH COMPLETE EXPLANATION.
101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%
"I Get 6 job in 7 Month" Joined IOB PO. Calcutta.
Ankita Bhawani
Indian Overseas Bank PO
NARESH BARIK
VIJAYA BANK PO
Ruchi Smita Behera
Corporation Bank
Sandeep Mohanty
Bank Of India PO
Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)
IBM'S CHANDI CHHAK & PALAMANDAP(Near Barabati Gas)CTC




ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ